ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.08 Bhubaneswar Thursday, February 10, 2022 | ୨୫ତମ ବର୍ଷ ସଂଖ୍ୟା–୦୮ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




କେନ୍ଦୁଝର ଜିଲ୍ଲା ବେଲସୁନ୍ଦରୀ ଗ୍ରାମରେ ନୂତନ ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଆୟୋଜିତ କଳସ ଶୋଭାଯାତ୍ରାରେ ଶତାଧିକ ଭକ୍ତଗଣଙ୍କ ଅଂଶଗ୍ରହଣ




## ମାନିଲେ ସରକାର: ଲକଡାଉନ୍ ଯୋଗୁ ୮,୦୦୦ ଲୋକ ଜୀବନ ହାରିଛନ୍ତି



ନୂଆଦିଲ୍ଲୀ,୯ ।୨(ପି.ଏନ): ଆର୍ଥିକ ସଙ୍କଟରେ ଛଟପଟ ହୋଇ ୨୦୨୦ରେ ୮,୦୦୦ ଲୋକ ପ୍ରାଣ ହରାଇଛନ୍ତି । କୋଭିଡ୍‌ର ପ୍ରଥମ ଲହରରେ ଲକଡାଉନ୍ ଯୋଗୁ କାମ ହରାଇବା ସହ ରୋଜଗାର ବାଟ ବନ୍ଦ ହୋଇଯିବାରୁ ଲୋକେ ବାଧ ହୋଇ ଆତ୍ମହତ୍ୟାପନ୍ଥାକୁ ବାଛିନେଲେ । ବୁଧବାର କୋଭିଡ୍ ଜନିତ ଲକଡାଉନ୍ କାରଣରୁ ଦୁର୍ଦ୍ଦଶାରେ ସମ୍ମୁଖୀନ ହୋଇଥିବା ଲୋକଙ୍କ ସମ୍ପର୍କରେ ଏମିତି ତଥ୍ୟ ରଖିଛନ୍ତି ସରକାର ।ତାଲାବନ୍ଦ ଜନିତ ବେକାରୀ କାରଣରୁ ପ୍ରାୟ ୮,୭୬୧ ଜଣ ଜୀବନ ହାରିଛନ୍ତି । କିଏ ଋଣ ସୁଝି ନପାରିତ ଆଉ କିଏ ଦେବାଳିଆ ହୋଇ ଆତ୍ମହତ୍ୟା କରିଛନ୍ତି । ୨୦୨୦ରେ ଲକଡାଉନ୍ ଯୋଗୁ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟାକୁ ନେଇ ରାଜ୍ୟସଭାକୁ ଏମିତି ତଥ୍ୟ ଦେଇଛନ୍ତି ରାଜ୍ୟ ଗୃହମନ୍ତ୍ରୀ ନିତ୍ୟାନନ୍ଦ ରାୟ । ଆର୍ଥିକ ଅନଟନ କାରଣରୁ ୨୦୧୮ରୁ ୨୦୨୦ ମଧ୍ୟରେ ୨୫,୨୫୧ ଜଣ ଜୀବନ ହାରିଛନ୍ତି। ତେବେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ସମ୍ପର୍କରେ କୌଣସି ତଥ୍ୟ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଲକଡାଉନ୍ ବେଳେ ଘରକୁ ଫେରୁଥିବା ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ନେଇ ସରକାରଙ୍କ ପାଖରେ ତଥ୍ୟ ଅଛି କି ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି କି ବୋଲି ବିରୋଧୀ ପକ୍ଷରୁ ପ୍ରଶ୍ନ ହୋଇଥିଲା। ଏହା ଜବାବରେ ମନ୍ତ୍ରୀ ଉପରୋକ୍ତ ତଥ୍ୟ ଦେଇଛନ୍ତି। ତେବେ କୋଭିଡ ସମୟରେ ପାଖାପାଖି କୋଟିଏରୁ ଅଧିକ ଶ୍ରମିକ ସେମାନଙ୍କ ଘରକୁ ଫେରିଥିବା ମନ୍ତ୍ରୀ କହିଛନ୍ତି। ୨୦୨୦ ମାର୍ଚ୍ଚ ମାସରେ ବିନା ଶ୍ରମିକମାନଙ୍କୁ ବିନା ପ୍ରସ୍ତୁତିରେ ହଠାତ୍ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ଫଳରେ ପ୍ରବାସୀ ଶ୍ରମିକମାନଙ୍କୁ ଯାବତୀୟ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡିଥିଲା। ବିଭିନ୍ନ ଶିଳ୍ପ ସଂସ୍ଥା ବନ୍ଦ ହୋଇଯିବାରୁ କାମ ହରାଇ ଶ୍ରମିକମାନେ ପେଟ ପାଇଁ ଉହଲ ବିକଳ ହେଲେ। ରୋଜଗାର ବନ୍ଦ ହୋଇଯିବାରୁ ଘରକୁ ଫେରିବା ଏକମାତ୍ର ବିକଳ୍ପ ଥିଲା। ହେଲେ ଗାଡି ଘୋଡା ବନ୍ଦ ହୋଇ ଯିବାରୁ ସେମାନଙ୍କୁ ପାଦରେ ଚ଼ାଲି ଚ଼ାଲି ଫେରିବାକୁ ପଡିଲା। ପିଲା ଛୁଆଙ୍କୁ ଧରି ମାଇଲ ମାଲି ବାଟ ଚ଼ାଲିବା ଦୃଶ୍ୟ ଅତ୍ୟନ୍ତ କରୁଣ ଥିଲା। ଘରକୁ ଫେରିବା ବାଟରେ ଅନେକ ଶ୍ରମିକଙ୍କ ରାସ୍ତାରେ ମୃତ୍ୟୁ ଘଟିଥିଲା। ତେବେ ଆଜି ମଧ ସରକାଙ୍କ ଜିଏସଟି ପଲିସିକୁ ନେଇ ଉତ୍ତରପ୍ରଦେଶର ଜଣେ ବ୍ୟବସାୟୀ ନିଜ ସ୍ତ୍ରୀକୁ ବିଷ ଦେଇ ନିଜେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଆତ୍ମହତ୍ୟାର ଲାଇଭ ଭିଡିଓ ଏବେ ଭାଇରାଲ ହେଉଛି। ସେଥି ପାଇଁ ସେ ସରକାରଙ୍କୁ ଦାୟୀ କରିଛନ୍ତି । ଗୁରୁତର ଅବସ୍ଥାରେ ବ୍ୟବସାୟୀଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ସୂଚ଼ନା ମିଳିଛି। ତେବେ ଆତ୍ମହତ୍ୟା ବଢୁଥିବାରୁ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟର ଉପଚ଼ାର ପାଇଁ ପଦକ୍ଷେପ ନିଆଯାଇଥିବା ମନ୍ତ୍ରୀ କହିଛନ୍ତି। ସେହିପରି କରୋନା କାଳରେ ବେକାରୀ ସମସ୍ୟାକୁ ମୁକାବିଲା ପାଇଁ ସରକାର କାମ ଯୋଗେଇ ଦେବା ସକାସେ ଅନେକ ପଦକ୍ଷେପ ନେଇଥିବା ମନ୍ତ୍ରୀ କହିଛନ୍ତି।

## କନ୍ଧମାଳରେ ସାଂସଦଙ୍କ ଧୂଆଁଧାର ପ୍ରଚାର



ଭୁବନେଶ୍ୱର,୯ ।୨(ପି.ଏନ): କନ୍ଧମାଳ ଜିଲ୍ଲାର ବିଭିନ୍ନ ଜିଲ୍ଲା ପରିଷଦ ଜୋନ୍‌ରେ ବିଜେଡ଼ି ପ୍ରାର୍ଥୀଙ୍କ ସପକ୍ଷରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଧୂଆଁଧାର ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ଜିଲ୍ଲା ପରିଷଦ ଜୋନ୍‌ରେ ଶ୍ରୀ ସାମନ୍ତଙ୍କ ପ୍ରଚାର ସମୟରେ ବିପୁଳ ଜନ ସମର୍ଥନ ପରିଲକ୍ଷିତ ହେଉଛି। ଆଜି ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକ୍ ୧୬ ନମ୍ବର ଜୋନ୍‌ର ବିଜେଡ଼ି ପ୍ରାର୍ଥୀ ଆଶିଷ ଦିଗଲ ଓ କେ ନୂଆଗାଁ ବ୍ଲକ୍‌ର ୧ ନମ୍ବର ଜିଲ୍ଲା ପରିଷଦ ଜୋନ୍‌ର ପ୍ରାର୍ଥିନୀ ଅନିତା ମଲ୍ଲିକଙ୍କ ପାଇଁ ନିର୍ବାଚନ ପ୍ରଚାରରେ ଆସି ସ୍ଥାନୀୟ ବିଜେଡ଼ି ଦଳୀୟ କର୍ମୀ ସମ୍ମିଳନୀରେ ଯୋଗଦେବା ସହ ନିର୍ବାଚନ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ବିଜେଡ଼ି ପ୍ରାର୍ଥିନୀ ଶ୍ରୀମତୀ ଅନିତା ମଲ୍ଲିକ ଓ ଆଶିଷ ଦିଗଲଙ୍କ ବିଜୟ ସୁନିଶ୍ଚିତ କରିବାକୁ ଶ୍ରୀ ସାମନ୍ତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମସ୍ତ ପଞ୍ଚାୟତରେ ଗାଁକୁ ଗାଁ ବୁଲି ଘରକୁ ଘର ଯାଇ ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡ଼ି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା କିପରି ପରିବର୍ତ୍ତନ ଆଣିଛି, ସେ ସମ୍ପର୍କରେ ଲୋକଙ୍କୁ ବୁଝାଇବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀ ସାମନ୍ତଙ୍କ ପ୍ରଚାର ସମୟରେ କର୍ମୀମାନଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି କର୍ମୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣ ମୋହନ ପାଣିଗ୍ରାହୀ, ବ୍ଲକ୍ ସଭାପତି ବାସୁଦେବ ପଣ୍ଡା ଓ ଜିଲ୍ଲା ମହିଳା ସଭାନେତ୍ରୀ ପୁନମ କହଁର, ବାଲିଗୁଡ଼ା ବିଜେଡ଼ି ବ୍ଲକ୍ ସଭାପତି ଟୁନା ଦାସଙ୍କ ସମେତ ବିଜେଡ଼ିର ବହୁ ଛାମୁଆ ନେତା ଯୋଗ ଦେଇଥିଲେ। ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକ୍ ପରମପଙ୍ଗା ଗ୍ରାମ ପଞ୍ଚାୟତ ଓ କେ ନୂଆଗାଁ ବ୍ଲକ୍ ବନ୍ଦଗୁଡ଼ା ଗ୍ରାମ ପଞ୍ଚାୟତ ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଓ ପରିଚାଳନା ନେଇ ଛାମୁଆ କର୍ମୀ ଓ ନେତାଙ୍କ ସହ ଆଲୋଚନା କରିଥିଲେ। ଏହା ସହ ସେମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ।

## ଗୋଟିଏ ଦିନରେ ୧୭୧୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୯ ।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୭୧୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୧୫୨୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୨୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୪୫୦୨୬ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୭୬୪୭ ରହିଛି ।

## ସଂସଦ ଭବନର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି ପ୍ରଧାନମନ୍ତ୍ରୀ : କଂଗ୍ରେସ

ଭୁବନେଶ୍ୱର, ୯ ।୨(ପି.ଏନ): ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର କୁହାଯାଉଥିବା ଲୋକସଭା ଓ ରାଜ୍ୟସଭାରେ ମୋଦି କଂଗ୍ରେସ ବିରୋଧରେ ବିଷୋଦଗାର କରି ନିଜର ପଦମର୍ଯ୍ୟାଦାର ଉଲ୍ଲଙ୍ଘନ କରିଛନ୍ତି ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ ମିଡିଆ ଇନଚାର୍ଜ ତଥା ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। କେନ୍ଦ୍ର ସରକାରର ମୁଖ୍ୟ ଭାବେ ଦେଶ ଓ ଦେଶବାସୀଙ୍କର ଉନ୍ନତି ପାଇଁ ସରକାରଙ୍କର ବ୍ଲୁପ୍ରିଂଟ କହିବା ପରିବର୍ତ୍ତେ କେବଳ ବିରୋଧିକୁ ଆପେକ୍ଷ କରିବା ଗଣତନ୍ତ୍ର ପ୍ରତି ଅପମାନ। ମୋଦି ପଚାରିଛନ୍ତି କଂଗ୍ରେସ ନଥିଲେ କ'ଣ ହେଇଥାନ୍ତା, ଆମେ ଗୋଟିଏ ବାକ୍ୟରେ କହୁଛୁ କଂଗ୍ରେସ ନଥିଲେ ଦେଶ ସ୍ୱାଧୀନ ହୋଇନଥାନ୍ତା, ଗଣତନ୍ତ୍ର ପ୍ରତିଷ୍ଠା ହୋଇନଥାନ୍ତା, ପାର୍ଲାମେଂଟ ନଥାନ୍ତା କି ମୋଦି ପ୍ରଧାନମନ୍ତ୍ରୀ ମଧ ହୋଇନଥାନ୍ତେ। ପୁନଶ୍ଚ ବିଜେଡ଼ି ଓ ବିଜେପି ସମ୍ପର୍କ ଅତି ନିବିଡ଼। ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। କେବଳ ପ୍ରଶଂସା କରିଲେ ଚଳିବ ନାହିଁ ଓଡ଼ିଆଙ୍କୁ ତାଙ୍କର ଅଧିକାର ଦିଆଯାଉ । ସେହିପରି କୋରାପୁଟ ଜିଲ୍ଲାର ଜୟପୁର ଠାରେ ବିଜେଡ଼ି ଦଳର ନିର୍ବାଚନୀ ପ୍ରଚାରରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମନ୍ଦିର ଯାଇ ପୂଜା କରିଛନ୍ତି, ପୂଜାପରେ ଏ ଆଜ୍ଞାମାଳ ଆଣିଛନ୍ତି ଓ ଏହି ଆଜ୍ଞାମାଳ ଏଇଠିକି ପଠାଇଛନ୍ତି ବୋଲି କହିଛନ୍ତି। ଉପସ୍ଥିତ ଜନସାଧାରଣ ଏ ଆଜ୍ଞାମାଳ ଛୁଇଁ ଶପଥ କରି କୁହ ବିଜେଡ଼ି ଦଳକୁ ଭୋଟ ଦବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆଙ୍କର ଆରାଧ୍ୟ ଦେବତା ଜଗନ୍ନାଥଙ୍କର ଭକ୍ତ ହେଇପାରନ୍ତି, କିନ୍ତୁ ସେ କେବେବି ଧର୍ମାନ୍ଧ ନୁହନ୍ତି। ତାଙ୍କ ନାମ ନେଇ ଜଗନ୍ନାଥଙ୍କର ଦ୍ୱାହୀ ଦେଇ ଧର୍ମୀୟ ଭାବନାର କୁଠାରଘାତ କରି ସରଳ ଆଦିବାସୀଙ୍କ ପାଖରେ ମିଛତଥ୍ୟ ଉପସ୍ଥାପନା କରିଥିବା ଶ୍ରୀ ନନ୍ଦଙ୍କ ବିରୋଧରେ ଫୌଜଦାରୀ ମୋକଦମା କରିବା ସହ ତାଙ୍କୁ ଗିରଫ କରିବାକୁ କଂଗ୍ରେସ ଦାବି କରିଛି। ଏ ସମସ୍ତ ପ୍ରଶ୍ନର ଉତର ବିଜେପି ଠାରୁ ଦାବି କରିଛି କଂଗ୍ରେସ। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଶାନ୍ତନୁ ସାହୁ ଓ ଦୀପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରୀୟପ୍ରଶାସନିକ ଟ୍ରିବ୍ୟୁନାଲର ଅଧକ୍ଷା ଶ୍ରୀମତୀ ମଞ୍ଜୁଳା ଦାସ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି

## ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟ ପକ୍ଷରୁ ଅଫ୍‌ଲାଇନ୍ ପରୀକ୍ଷା ବାଧ୍ୟତାମୂଳକ କରିବା ଘଟଣା : ରାଜ୍ୟ ସରକାରଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍




ଭୁବନେଶ୍ୱର,୯ ।୨(ପିଏନ):ଛାତ୍ରଛାତ୍ରୀମାନଙ୍କୁ ଅଫ୍‌ଲାଇନ୍ ମୋଡ୍‌ରେ ପରୀକ୍ଷା ଦେବାକୁ ବାଧ କରାଯାଉଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ସତ୍ୟରଞ୍ଜନ ସାହୁ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟର ଅଧକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ସୂଚାନ ଯୋଗ୍ୟ ଯେ ଗତ ଦୁଇବର୍ଷ ଧରି କରୋନା ମହାମାରୀ ଯୋଗୁଁ ପିଲାମାନଙ୍କ ପାଠପଢ଼ା ବନ୍ଦ ଥିଲା । ମହାମାରୀର ପ୍ରଭାବ କମିବା ପରେ ଗତ ଫେବୃଆରୀ ୭ ତାରିଖ ଦିନଠାରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିଛି । ଛାତ୍ରଛାତ୍ରୀମାନଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ୧୪ ତାରିଖରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ମଧ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । କିନ୍ତୁ ଏହି ଦୁଇ ବର୍ଷ ମଧ୍ୟରେ ପିଲାଙ୍କ ପାଠପଢ଼ାରେ ବହୁକ୍ଷତି ହୋଇଥିବାର ଆଶଙ୍କା କରାଯାଉଛି । ଦୀର୍ଘଦିନ ଧରି ଅଫ୍‌ଲାଇନ୍ ପାଠପଢ଼ା ବନ୍ଦ ଥିବାରୁ କିଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ ଓ ଭାବନାତ୍ମକ ସ୍ତରରେ ଅନେକ ସମସ୍ୟା ସୃଷ୍ଟି ହୋଇଥିବାର ସମ୍ଭାବନା ମଧ ରହିଛି । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ଫେବୃଆରୀ ୩ ତାରିଖ ଦିନ ସ୍କୁଲଗୁଡ଼ିକ ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି କରିଥିଲେ । ଏଥିରେ ପିଲାମାନେ ତାଙ୍କ ଇଚ୍ଛା ଅନୁଯାୟୀ ଅଫ୍‌ଲାଇନ୍, ଅନ୍‌ଲାଇନ୍ କିମ୍ବା ହାଇବ୍ରିଡ୍ ମୋଡ୍‌ରେ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଥିଲା । ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଫେବୃଆରୀ ୩ ତାରିଖ ଦିନ ସ୍କୁଲଗୁଡ଼ିକୁ ଏହି ମର୍ମରେ ଚିଠିଲେଖି ପିଲାମାନଙ୍କୁ ସେମାନଙ୍କ ଇଚ୍ଛା ଅନୁଯାୟୀ ଯେକୌଣସି ମୋଡ୍‌ରେ ପରୀକ୍ଷା ଦେବା ପାଇଁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟ ଏହି ନିର୍ଦ୍ଦେଶର ଅବମାନନା କରି ଫେବୃଆରୀ ୧୨ ତାରିଖରୁ ଆରମ୍ଭ ହେଉଥିବା ପିରିଅଡ଼୍ ଆସେସ୍‌ମେଣ୍ଟ ପରୀକ୍ଷାକୁ ଅଫ୍‌ଲାଇନ୍ ମୋଡ୍‌ରେ କରିବା ପାଇଁ ବାଧ କରିଛି । ତେଣୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ସାହୁ ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟର ଅଧକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଏବଂ ଏହି ଅନୁଷ୍ଠାନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରେ ବୋଲି ସତର୍କ କରିଛନ୍ତି ।

## ପୌର ନିର୍ବାଚନ ବିଜ୍ଞପ୍ତି ରଦ୍ଦ କରି ନୂତନ ବିଜ୍ଞପ୍ତି ପ୍ରକାଶ ଦାବୀରେ ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟ ସମ୍ମୁଖରେ ବିଜେପିର ଧାରଣା

ଭୁବନେଶ୍ୱର, ୯ ।୨(ପି.ଏନ): ରାଜ୍ୟରେ ପୌରାଂଚଳ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଗତ ୨ ତାରିଖ ଦିନ ବିଜ୍ଞପ୍ତି ଜାରୀ କରିଛନ୍ତି। ଯାହାକି "ରାଜ୍ୟ ମ୍ୟୁନିସିପାଲ କର୍ପୋରେସନ ଆଇନ–୨୦୦୩"କୁ ସଂପୂର୍ଣ୍ଣ ଉଲ୍ଲଂଘନ କରିଛି । ଧାର୍ଯ୍ୟ ଆଇନକୁ ଖିଲାପ କରି ତରବରିଆ ଭାବେ ବିଜ୍ଞପ୍ତି ପ୍ରକାଶ କରିବା ପଛର କାରଣ କ'ଣ ? ନିର୍ବାଚନ କମିଶନ ଏଭଳି ଅହେତୁକ ଅନୁକଂପା ପ୍ରଦର୍ଶନ କରିବା ପଛରେ ରହସ୍ୟ କ'ଣ ? ଏହା ଦ୍ୱାରା ଅବାଧ ଓ ନିରପେକ୍ଷ ନିର୍ବାଚନ ହୋଇପାରିବ କି ବୋଲି ସାଧାରଣରେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ରାଜ୍ୟ ନିର୍ବାଚନ କମିଶନଙ୍କ ନିରବତା ମଧ ସନ୍ଦେହ ସୃଷ୍ଟି କରିଛି ।ବିଜ୍ଞପ୍ତି ଅନୁଯାୟୀ ପ୍ରାଥମିକ ଭୋଟର ତାଲିକା ଆସନ୍ତା କାଲି ୧୦ ତାରିଖ ଦିନ ପ୍ରକାଶ ପାଇବ । ଭୋଟରଙ୍କ ସ୍ୱାର୍ଥ ଦୃଷ୍ଟିରୁ ତାଲିକାରେ ଥିବା କୌଣସି ତ୍ରୁଟି ବା ଅଭିଯୋଗ ଏବଂ ଏହାର ସମାଧାନ ପାଇଁ ସମୟ ସୀମା ନିର୍ଦ୍ଧାରଣ ହେଇଛି । ମାତ୍ର ଆଗାମୀ ପୌର ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଅଭିଯୋଗ ଦାଖଲ ସମୟ ସୀମା ୧୦ ଦିନରୁ ହ୍ରାସ କରାଯାଇ ୬ ଦିନ (ଫେବୃୟାରୀ ୧୧ ରୁ ୧୬ ତାରିଖ) କରାଯାଇଛି । ସେହିପରି ଦାଖଲ ହୋଇଥିବା ଅଭିଯୋଗର ତଦନ୍ତ ଓ ଫଇସଲା ପାଇଁ ନିୟମ ମୁତାବକ ଧାର୍ଯ୍ୟ ୩ ଦିନକୁ ହ୍ରାସ କରାଯାଇ ମାତ୍ର ଗୋଟିଏ ଦିନ (ଫେବୃୟାରୀ ୧୮) ପାଇଁ କରାଯାଇଛି । ଏହି ଅଳ୍ପ ସମୟରେ ଭୋଟର ତାଲିକାରେ ଥିବା ତୃଟିକୁ ଅନୁଧ୍ୟାନ କରି ସଂଶୋଧନ ପାଇଁ ଆବେଦନ କରିବା ଆଦୌ ସମ୍ଭବ ନୁହେଁ। ତେଣୁ ସାଧାରଣ ଭୋଟରଙ୍କ ମୌଳିକ ଅଧିକାର ଓ ସ୍ୱାର୍ଥ ଦୃଷ୍ଟିରୁ ତରବରିଆ ଭାବେ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଇ ନୂତନ ଭାବେ ବିଜ୍ଞପ୍ତି ଜାରୀ କରିବାକୁ ବିଜେପି ତରଫରୁ ଗତ ୫ ତାରିଖ ଦିନ ନିର୍ବାଚନ କମିଶନଙ୍କ ନିକଟରେ ଦାବୀ କରାଯାଇଥିଲା । ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା କୌଣସି ତତ୍ପରତା ପ୍ରକାଶ ନପାଇବା କାରଣରୁ ଆଜି ରାଜ୍ୟ ବିଜେପି ତରଫରୁ କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇଥିଲା ।ସାଧାରଣରେ ଭୋଟରଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇ ନିର୍ବାଚନ ଅନୁଷ୍ଠିତ ହେବା ନିହାତି ଆବଶ୍ୟକ । ଭୋଟରମାନଙ୍କୁ ଭୋଟଦାନରୁ ବଂଚିତ କରିବାର ଅଧିକାର କାହାକୁ ଦିଆଯାଇନାହିଁ। କିନ୍ତୁ ରାଜ୍ୟରେ ଶାସକ ବିଜେଡିର ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇ ପୌର ନିର୍ବାଚନ ଅନୁଷ୍ଠିତ କରାଯାଉଛି । ଶାସକ ବିଜେଡିର ପ୍ରତ୍ୟକ୍ଷ ଇଙ୍ଗିତରେ ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟ କରୁଛନ୍ତି । ଭୋଟର ତାଲିକାରେ ବ୍ୟାପକ ଚଂଚକତା କରି ଶାସକ ବିଜେଡିକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି ନିର୍ବାଚନ କମିଶନ । ଏହା ଦ୍ୱାରା ବହୁ ସଂଖ୍ୟାରେ ସାଧାରଣ ଭୋଟର ସେମାନଙ୍କ ମୌଳିକ ଅଧିକାର ଭୋଟଦାନରୁ ବଂଚିତ ହେବେ । ସୀମା ନିର୍ଦ୍ଧାରଣ, ଠିକଣା ପରିବର୍ତନ ଆଦି କାରଣରୁ ତାଲିକାରୁ ବାଦ୍ ପଡିଥିବା ଭୋଟରମାନେ ଅଭିଯୋଗ ପାଇଁ ସମୟ ନପାଇ ଭୋଟଦାନରୁ ବଂଚିତ ହେବେ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଋହଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଋମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ। ଏହି ଉଦେ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଲ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମ୍ୟୁନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# କବି ଗଦାଧର ଦ୍ୱିବେଦୀଙ୍କ ଗ୍ରନ୍ଥାବଳୀ ଉନ୍ମୋଚିତ



କେନ୍ଦୁଝର (ପିଏନ୍): ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ ପ୍ରଥିତଯଶା ସ୍ରଷ୍ଟା ସ୍ୱର୍ଗତଃ 'ଗଦାଧର ଦ୍ୱିବେଦୀଙ୍କ ଗ୍ରନ୍ଥାବଳୀ' ଉନ୍ମୋଚିତ ହୋଇଯାଇଛି। କେନ୍ଦୁଝରଗଡ଼ସ୍ଥ ସ୍ଥାନୀୟ ଜନାର୍ଦ୍ଦନପୁର ଶାସନସ୍ଥ କବିଙ୍କ ପୈତୃକ ଗୃହ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀରାମଚନ୍ଦ୍ର ଭ ବିଶ୍ୱବିଦ୍ୟାଳୟର ଦ୍ୱିତୀୟପ୍ରସ୍ତ ର ପ୍ରଫେସର ଡ଼କ୍ଟର ବବ୍ରୁବାହନ ମହାପାତ୍ର କାବ୍ୟ ସ୍ରଷ୍ଟାଙ୍କୁ ବିଶ୍ୱ ସ୍ରଷ୍ଟାଙ୍କ ସହ ତୁଳନା କରି ଐଶ୍ୱରୀକ ପ୍ରତିଭାର ଗୁଣଗାନ କରିଥିଲେ। ବିଶିଷ୍ଟ କବି ଦେବାଶିଷ ଚକ୍ରବର୍ତ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିଙ୍କ ସୁପୁତ୍ର ଆଡ଼ଭୋକେଟ ରାମନାରାୟଣ ଦ୍ୱିବେଦୀ ନିଜ ପିତାଙ୍କର ସୃଷ୍ଟି କୌଶଳ ସମ୍ପର୍କରେ ଆଲୋକପାତ କରିବା ସହ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ତୁତିଚାରଣ କରିଥିଲେ। କବି ଭରତ ଚନ୍ଦ୍ର ପାତ୍ର ପ୍ରାରମ୍ଭିକ ସୂଚନା ଏବଂ ଅତିଥି ପରିଚୟ ଦେବାପରେ କବି ଦେବାଶିଷ ଚକ୍ରବର୍ତ୍ତୀ କବିବର ରାଧାନାଥଙ୍କ କାବ୍ୟ ଚେତନା ଓ ସ୍ୱଭାବ କବି ଗଙ୍ଗାଧରଙ୍କ ସୃଷ୍ଟିଧାରା ସଦୃଶ ଗଦାଧରଙ୍କ ସୃଷ୍ଟି ସମ୍ଭାର ଅତ୍ୟ' ପ୍ରଭାବଶାଳୀ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ବିଶିଷ୍ଟ ସମାଲୋଚକ ତଥା ଗବେଷକ ନିରନ ବାରିକ ଗଦାଧରଙ୍କ ଜୀବନଧାରାରେ କାବ୍ୟିକ ମନ୍ମୟତା ଓ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ଯୋଗଦେଇ କବି ଡ଼କ୍ଟର ଚିତ୍ତ ମିଶ୍ର ଗଦାଧରଙ୍କ ଲେଖନୀ ମଧ୍ୟଯୁଗୀୟ କାବ୍ୟ ଉନ୍ମେଷର ସତେଜ ପ୍ରବାହ ସୃଷ୍ଟି କରିଛି ବୋଲି ମତ ପୋଷଣ କରିଥିଲେ। କବିଙ୍କ ନାତି ଆଲୋକ ମିଶ୍ର ଗଦାଧରଙ୍କ ନୀତି,ଆଦର୍ଶ ଓ ପ୍ରଜ୍ଞାଶୀଳତା ସମ୍ପର୍କରେ ଦୃଷ୍ଟିପାତ କରିଥିବାବେଳେ କବୟିତ୍ରୀ ଇନ୍ଦୁମତି ପାତ୍ର ଗଦାଧରଙ୍କୁ ଓଡ଼ିଆ କବିତାର ଏକ ନୀରଳସ ସାଧକ ବୋଲି ଅବିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଗାଳ୍ପିକ ଡ଼କ୍ଟର ଅନୀଲ ଦାସ ସାଧନା ଓ ସିଦ୍ଧି ପାଇଁ ଉଚ୍ଚାରଣ ଓ ଆଚରଣର ସମାନତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର କବିଙ୍କର ପ୍ରଶାସନିକ ପାଣ୍ଡିତ୍ୟ ସମ୍ପର୍କରେ ଆଲୋକପାତ କରିବା ପରେ କୁମାରୀ ଶ୍ୱେତା ସୁମନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କବିଙ୍କ ବଡ଼ନାତି ସାମ୍ବାଦିକ ଦୀପକ ମିଶ୍ରଙ୍କ ସମେତ ବହୁ ସାହିତ୍ୟିକ,ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଚୋରୀ ବାଇକ୍ ଉଦ୍ଧାର

ଚଣ୍ଡିଖୋଲ (ପିଏନ): ଚଣ୍ଡିଖୋଲ ସ୍ଥିତ ଆଦିତ୍ୟ ମହିନ୍ଦ୍ର ସୋରୁମ୍ ନିକଟରୁ ମନୋରଂଜନ ସାହୁଙ୍କ ଘରୁ ଏକ ୟ୍ୟାମା ବାଇକ୍ ନଂ ଓ.ଡ଼ି.୦୯-୦୯୨୬କୁ ୨ଜଣ ଲୋକ ଚୋରୀ କରି ନେଇଥିବା ସମୟରେ ରାତ୍ରୀକାଳୀନ ପେଟ୍ରୋଲିଂ କରୁଥିବା ଚଣ୍ଡିଖୋଲ ଫାଣ୍ଡି ପୋଲିସ ହାବୁଡ଼ରେ ପଡ଼ିଥିଲେ। ଫଳରେ ଚୋରମାନେ ଗାଡ଼ିକୁ ଫୋପାଡ଼ି ଦେଇ ରାତ୍ରର ଅନ୍ଧକାର ଭିତରେ ଲୁଚିଯାଇଥିଲେ। ପୋଲିସ ବାଇକ୍‌ଟିକୁ ଉଦ୍ଧାର କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲେ। ଗାଡ଼ି ମାଲିକ ମନୋରଂଜନ ସାହୁ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କଲାପରେ ନିଜର କାଗଜପତ୍ର ଦେଖାଇ ଗାଡ଼ିଟିକୁ ଆଣିଥିଲେ। ସେହିପରି ଦୀର୍ଘ ୨ମାସ ହେଲା ଏକ କଳା ରଙ୍ଗର ହୋଣ୍ଡା ସାଇନ୍ ବାଇକ୍ ଚଣ୍ଡିଖୋଲ ଫାଣ୍ଡି ପୋଲିସ ଉଦ୍ଧାର କରିଥିଲେ ମଧ ଏପର୍ଯ୍ୟନ୍ତ ଗାଡ଼ିଟିର କୌଣସି ଦାବୀଦାର ପହଂଚି ନଥିବାରୁ ଗାଡ଼ିଟି ଫାଣ୍ଡିରେ ଅଛି। ଫାଣ୍ଡି ଅଧିକାରୀ ଚିତରଂଜନ ଜେନା ଉପଯୁକ୍ତ କାଗଜପତ୍ର ଦେଖାଇ ଗାଡ଼ିଟିକୁ ନେବା ପାଇଁ ଅନୁରୋଧ କରିଛନ୍ତି।

## ଟାଙ୍ଗୀରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

ଖୋର୍ଦ୍ଧା(ପିଏନ)- ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ବ୍ଲକର ୧୨ ନମ୍ବର ଜୋନରେ ଜିଲ୍ଲା ପରିଷଦ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରଚାର ନିମନ୍ତେ ସ୍ଥାନୀୟ କଂଗ୍ରେସ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ମା ଉଗ୍ରତାରା ମନ୍ଦିର ପ୍ରାଙ୍ଗଣରୁ ବାହାରି ସାନ ରାଉତପଡା, ନୂଆଗଡ, ହରିପୁର, ନିରାକାରପୁର, ଡିଆ, ଲେଣ୍ଡୁ ଓ ଭୂଷଣ୍ଡପୁର ପଂଚାୟତ ପରିକ୍ରମା କରିଥିଲେ। ଏହି ନିର୍ବାଚନ ରାଲିରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟ ଯୋଗଦେଇ ବିଜେଡି ଓ ବିଜେପି ସରକାରଙ୍କ ଦୁର୍ନିତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଜନସାଧାରଣଙ୍କୁ ସଚେତନ କରିବା ସହ ଚଳିତ ନିର୍ବାଚନରେ ୧୨ ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ବିଜୟ ଲାଭ କରିବା ନିମର୍ତ୍ତେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା କଂଗ୍ରେସ ଉପ ସଭାପତି କୁସୁମ ପ୍ରଧାନ,ଚଳଚ୍ଚିତ୍ର ଅଭିନେତ୍ରୀ ସୂର୍ଯ୍ୟସ୍ନାତା ମହାଁ,ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ଯୁବ ଉପ ସଭାପତି ଶିଳାଦିତ୍ୟ ପଟ୍ଟନାୟକ,ଯୁବନେତା ଭୂଷଣ ଛୋଟରାୟ,ଟାଙ୍ଗୀ ବ୍ଲକ କଂଗ୍ରେସ ସଭାପତି ସୁକା' ରାଉତ, ଯୁବ କଂଗ୍ରେସ ସମ୍ପାଦକ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ହରିଚନ୍ଦନପୁର (ପିଏନ୍): ହରିଚନ୍ଦନପୁର ବ୍ଲକ ଅଂର୍ଗତ ମନୋହରପୁର ଗ୍ରାମ ପଂଚାୟତ ସତ୍ୟପାଳ ଗ୍ରାମର ଗୁହାଳଡିହ ସାହିରେ ପାଖାପାଖି ୧୫/ ୨୦ପରିବାର ଦୀର୍ଘଦିନ ହେଲା ସ୍ଥାୟୀ ଭାବେ ବସବାସ କରୁଥିବା ବେଳେ ଆଜି ପର୍ଯ୍ୟ' ଉକ୍ତ ସାହିକୁ ଯାତାୟତ କରିବା ପାଇଁ ନୀତିଦିନିଆ ଭଲ ରାସ୍ତାଟିଏ ନାହିଁ କି ପାନୀୟ ଜଳର ସୁବିଧା ମଧ ହୋଇନାହିଁ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଏହି ସାହିର ଅବସ୍ଥା ଏପରି ହୋଇଛି ଯେ କେହି ନଦେଖିଲେ ବିଶ୍ୱାସ କରିବେ ନାହିଁ। ପରିତାପର ବିଷୟ ଗତ ୫ ତାରିଖ ଦିନ ସେହି ଗ୍ରାମର ପ୍ରଭାସ ଚନ୍ଦ୍ର ଦାସଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ଅଗ୍ନିଶମ ବିଭାଗକୁ ଖବର ମଧ ଦିଆଯାଇଥିଲା । ହେଲେ ଦୁଃଖର ବିଷୟ ଉକ୍ତ ସାହିକୁ ଯାତାୟତ ପାଇଁ ଭଲ ରାସ୍ତାଟିଏ ନଥିବାରୁ ଦମକଳ ଗାଡି ବହୁ ବିଳମ୍ବରେ ପହଂଚି ଥିଲା। ସେତେ ବେଳେକୁ ଘରର ସବୁ ଆସବାବପତ୍ର ସହ ଧାନ ଚାଉଳ ପୋଡି ପାଉଁଶ ହୋଇଯାଇଥିଲା। ସରକାରଙ୍କ ମାଳ ମାଳ ଯୋଜନାରେ ଗ୍ରାମାଞ୍ଚଳକୁ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଏଥିରୁ ବଂଚିତ ହୋଇଛଁ ଗୁହାଳଡିହ ସାହିବାସୀ । ତେଣୁ ଗ୍ରାମବାସୀମାନେ ବାଧ ହୋଇ ପ୍ରତି ପରିବାର ପିଛା ଚାନ୍ଦା ଆଦାୟ କରି ଜେସିବି ମେସିନ୍ ଦ୍ୱାରା ନୂତନ ରାସ୍ତାଟିଏ ନିର୍ମାଣ କରିବାକୁ ଅଣ୍ଟା ଭିଡିବା ସହ ପ୍ରଶାସନ ନିକଟରେ ଯଥାଶୀଘ୍ର ଉକ୍ତ ସାହିରୁ ଯାତାୟତ କରିବା ପାଇଁ କଂକ୍ରିଟ୍ ରାସ୍ତା ନିର୍ମାଣ କରିବାକୁ ଦାବି କରିଛଁ ।

## ସମାଜସେବୀ ବସନ୍ତ ଦାସଙ୍କ ପୁଣ୍ୟତିଥିରେ ସ୍ମୃତିସଭା



କେନ୍ଦ୍ରାପଡ଼ା (ପିଏନ୍): ଅଭୟା ଲେଖିକା ସ୍ମୃତିସଂସଦ ଆନୁକୂଲ୍ୟରେ ସମାଜସେବୀ ବସନ୍ତ ଦାସଙ୍କ ପ୍ରଥମ ପୁଣ୍ୟତିଥି ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସଭାପତି ଅମର ପ୍ରସାଦ ରାଉତଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ସହରର ନସଡିପୁର ସ୍ଥିତ ସ୍ୱର୍ଗତ ଦାସଙ୍କ ବାସଭବନରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଶିକ୍ଷାବିତ ନୃସିଂହ ଚରଣ ତ୍ରିପାଠୀ, ଶିକ୍ଷକ ଶୁଭାଂଶୁ କୁମାର ଦାସ, ଅଭୟା ଲେଖିକା ସ୍ମୃତି ସଂସଦ ସଭାପତି ବାସନ୍ତୀ ଦାସ, ପାର୍ବତୀ ନାୟକ, ଗୀତାଞ୍ଜଳି ସାହୁ, ସୁଶ୍ରୀ ସଂଗୀତା ନାୟକ, ମହେଶ୍ୱର ମହାନ୍ତି, ମିନତୀ ମହାନ୍ତି, ଜ୍ୟୋସ୍ନାମୟୀ ପଟ୍ଟନାୟକ, ଦେବଦର୍ଶିନୀ ମହାନ୍ତି, ଭବ୍ୟାମୟୀ ଦାସ, ସୁଷମା ପରିଜା, ବନଲକ୍ଷ୍ମୀ ମହାନ୍ତି, ରାଜକିଶୋର ମହାନ୍ତି, ଅଞ୍ଜଳି ପ୍ରଭା ଦାସ, ସ୍ୱପ୍ନାଂଶୁ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଗୋଲକ ସେଠୀ ଭକ୍ତି ସଂଗୀତ ଗାନ କରିଥିଲେ।

# ରେଳ ସଂସ୍କାରରେ ଲାଗିଛନ୍ତି ରେଳମନ୍ତ୍ରୀ



ଚଳିତ ରେଳ ବଜେଟରେ (୨୦୨୨-୨୩ ଆର୍ଥିକ ବର୍ଷ) ଅନେକ କିଛି ଘୋଷଣା କରିଛନ୍ତି ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନି ବୈଷ୍ଣବ। ଷ୍ଟେସନଗୁଡ଼ିକର ନବୀକରଣ, ସେତୁର ସୁଦୃଢ଼ୀକରଣ, ସିଗ୍ନାଲ ପ୍ରଣାଳୀ ଓ ଦୂରସଂଚାର ପ୍ରଣାଳୀର ଆଧୁନିକୀକରଣ ତଥା ନୂଆ ଲାଇନ୍‌ର ସର୍ଭେ କାମ ଯୁଦ୍ଧକାଳୀନ ଭିତ୍ତିରେ କରାଯିବାର ଆବଶ୍ୟକତା ରହିଛି। ମୁଖ୍ୟତଃ ଭାରତୀୟ ରେଲୱେକୁ ବ୍ୟବସାୟିକ ସଂସ୍ଥାରେ ପରିଣତ କରାନଯାଇ ସର୍ବସାଧାରଣ ସେବା ସଂସ୍ଥାରେ ପରିଣତ କରାଯିବାର ଅତ୍ୟନ୍ତ ଆବଶ୍ୟକତା ରହିଛି।

ଏହି ବଜେଟ୍ ଓଡ଼ିଶାବାସୀଙ୍କ ପାଇଁ ବେଶ୍ ଖୁସି ଆଣି ଦେଇଛି। ଓଡ଼ିଶାରେ ଆବଶ୍ୟକ ରେଳ ଭିତ୍ତିଭୂମିର ବିକାଶ ଲାଗି ପଥ ପରିଷ୍କାର ହୋଇଥିବା ମନେହେଉଛି। ଓଡ଼ିଶାକୁ ଏଥର ମିଳିଛି ୯,୭୩୪ କୋଟି ଟଙ୍କା, ଯାହା ଓଡ଼ିଶାର ରେଳ ବଜେଟ୍ ଇତିହାସରେ ଓଡ଼ିଶା ପାଇଁ ସର୍ବାଧିକ ଓ ଐତିହାସିକ। ରାଜ୍ୟର ୭ଟି ଜିଲ୍ଲାରେ ରେଳ ଲାଇନ୍ ନାହିଁ। ଜାତୀୟ ସ୍ତର ତୁଳନାରେ ଆମ ରାଜ୍ୟରେ ରେଳ ଲାଇନ୍‌ର ପରିମାଣ ବହୁ କମ୍ ରହିଛି। ରେଳବାଇ କ୍ଷେତ୍ରରେ ପଛୁଆ ରାଜ୍ୟକୁ ଗୁରୁତ୍ୱ ଦିଆଯିବା ଲକ୍ଷ୍ୟ ନେଇ କେତେକ ନୂଆ ଲାଇନ୍ ସହ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ ଖୁସି କରାଯିବାକୁ ଚେଷ୍ଟା କରାଯାଇଛି। ଦୀର୍ଘ ବର୍ଷ ତଳୁ ନିର୍ମାଣାଧୀନ ଲାଇନ୍‌ଗୁଡ଼ିକର ସମ୍ପୂର୍ଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ବେଳେ ଚଳିତ ବଜେଟ୍ ରାଜ୍ୟବାସୀଙ୍କ ମନରେ ରଙ୍ଗିନ୍ ସ୍ୱପ୍ନ ଭରି ଦେଇଛି। ଏହି ବଜେଟ୍‌ରେ ନୂଆ ଲାଇନ୍ ଓ ଚାଲୁଥିବା ପ୍ରକଳ୍ପ ପାଇଁ ୧୮୦୬.୧୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ରାଜ୍ୟରେ ଦ୍ୱିତୀୟ ଲାଇନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ବାବଦରେ ୬,୫୧୨.୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି, ଯାହା ଓଡ଼ିଶାବାସୀଙ୍କୁ ଆଶ୍ୱସ୍ତ କରିଛି।

ତେବେ ଏହି ରେଳ ବଜେଟ୍ ଓଡ଼ିଶାର ବିକାଶ ପାଇଁ ସହାୟକ ହେବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। କେତେକ ରାଜନୀତିକ ନେତା ଓ ସାଧାରଣ ଲୋକେ ଏହାକୁ ପ୍ରଗତିଶୀଳ ଓ ଦୂରଦୃଷ୍ଟିପୂର୍ଣ୍ଣ ବୋଲି ଚର୍ଚ୍ଚା କରୁଛନ୍ତି। ଅନ୍ୟପକ୍ଷରେ ଏହି ବଜେଟ୍ ଓଡ଼ିଶା ଶିଳ୍ପାୟନରେ ସହାୟକ ହେବା ନିଶ୍ଚିତ ମନେହେଉଛି। ସଂପ୍ରତି ଓଡ଼ିଶାରେ ଶିଳ୍ପ ପ୍ରସାର ଦ୍ରୁତ ଗତିରେ ଆଗେଇ ଚାଲିଥିବା ବେଳେ ସେଥିପାଇଁ ବ୍ୟାପକ ରେଳପଥ ଭିତ୍ତିଭୂମିର ଆବଶ୍ୟକତା ରହିଛି। ଯାତ୍ରୀ ସଂଖ୍ୟା ଦୃଷ୍ଟିରୁ ଭୁବନେଶ୍ୱର-ମୁମ୍ବାଇ ଓ ଭୁବନେଶ୍ୱର-ଦିଲ୍ଲୀ ମଧ୍ୟରେ ଅଧିକ ସିଧାସଳଖ ଟ୍ରେନ୍‌ର ଆବଶ୍ୟକତା ଅଛି। ଅନ୍ୟପକ୍ଷରେ ପାରାଦୀପ ଓ ଧାମରା ବନ୍ଦର ମଧ୍ୟରେ ସିଧା ରେଳପଥ ନିର୍ମାଣର ଆବଶ୍ୟକତା ରହିଛି। ଏହା ସମ୍ଭବ ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ଅନୁନ୍ନତ ଅଞ୍ଚଳର ବିକାଶ ସମ୍ଭବ ହୋଇପାରିବ। ଯେହେତୁ କେନ୍ଦ୍ରାପଡ଼ା ଜିଲ୍ଲାର ସୀମା ସଲଗ୍ନ ଉତ୍ତରରେ ଧାମରା ବନ୍ଦର ଅବସ୍ଥିତ ଥିବାବେଳେ ଦକ୍ଷିଣରେ ପାରାଦ୍ୱୀପ ବନ୍ଦର। ଏଣୁ ଏଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ସେହିପରି ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକ ଶେଷ କରିବା ଦିଗରେ ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ଗୁରୁତ୍ୱ ଦେଇଛନ୍ତି। ସେହିପରି ଦେଶରେ ଯାତ୍ରୀଙ୍କ ସଂଖ୍ୟା ହୁ ହୁ ବୃଦ୍ଧି ପାଉଥିବା ବେଳେ ଆବଶ୍ୟକ ସଂଖ୍ୟାରେ ନୂଆ ଟ୍ରେନ୍‌ର ବ୍ୟବସ୍ଥା ଆବଶ୍ୟକ। ଗଞ୍ଜାମରେ ପ୍ରସ୍ତାବିତ ରେଳ ଡ଼ବା କାରଖାନା, ରେଳ ୱାଗନ୍ କାରଖାନା, କେସିଙ୍ଗାରେ ୱାଗନ୍ ମରାମତି କାରଖାନା ଆଦି ଘୋଷିତ ପ୍ରକଳ୍ପ ପାଇଁ ଅଧିକ ବ୍ୟୟବରାଦ କରାଯିବା ସହିତ ଯଥାଶୀଘ୍ର ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ।

ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ଜଣେ ପୂର୍ବତନ ସଫଳ ଆଇଏଏସ୍ ଅଧିକାରୀ। ନିଜର ସଫଳ କାର୍ଯ୍ୟ ପାଇଁ ସେ ସମସ୍ତଙ୍କୁ ଚକିତ କରି ଦେଇ କିଛିମାସ ତଳେ ଭାରତର ରେଳ, ଆଇଟି, ସଂଚାର, ଇଲେକ୍ଟ୍ରୋନିକ୍ସ ତଥା ସୂଚନା ମନ୍ତ୍ରୀ ହୋଇଗଲେ। ଇତିମଧ୍ୟରେ ରେଳମନ୍ତ୍ରୀ ଅଶ୍ୱିନୀବାବୁ ରେଳ ବିଭାଗରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଜୋରଦାର କାର୍ଯ୍ୟ ଚାଲୁ ରଖିଛନ୍ତି। ଆହୁରି ମଧ୍ୟ ରେଳମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ରେଳ ବିଭାଗରେ ଭ୍ରଷ୍ଟାଚାରୀମାନଙ୍କ ସହ କୌଣସି ବୁଝାମଣା କରାଯିବ ନାହିଁ। ରେଳମନ୍ତ୍ରୀ ଭାବରେ ପ୍ରଥମ ଓଡ଼ିଶା ଗସ୍ତରେ ଆସିଥିବା ବେଳେ କଳାହାଣ୍ଡି ଏବଂ ଓଡ଼ିଶାର ଅନ୍ୟ ପଛୁଆ ଅଞ୍ଚଳରେ ରେଳ ଭିତ୍ତିଭୂମୀର ବିକାଶ କରାଇବା ତାଙ୍କର ପ୍ରମୁଖ କାର୍ଯ୍ୟ ହେବ ବୋଲି କହିଥିଲେ। ଆଉ ତାଙ୍କ ସମୟରେ ଓଡ଼ିଶାରେ ରେଳ ଭିତ୍ତିଭୂମି ମଜଭୁତ ହୋଇପାରିବ ବୋଲି ବିଭିନ୍ନ ମହଲରେ ଆଶା କରାଯାଇଥିଲା। ସତକୁ ସତ ରେଳମନ୍ତ୍ରୀ ଓଡ଼ିଶାର ଦାବିଠାରୁ ଦୁଇ ହଜାର କୋଟି ଟଙ୍କା ଅଧିକ ଦେଲେ। ଯାହା ପୂର୍ବବର୍ଷ ତୁଳନାରେ ୭୬% ଅଧିକ ଅର୍ଥାତ୍ ୯୭୩୪ କୋଟି ଟଙ୍କା।

ରାଜ୍ୟରେ ରେଳ ସେବାର ବିକାଶ ପାଇଁ ରାଜ୍ୟ ସରକାର ମଧ ନିଜ ଭୂମିକା ଠିକ୍ ରୂପେ ନିର୍ବାହ କରିବାର ଆବଶ୍ୟକତା ରହିଛି। ନୂଆ ରେଳପଥର ସର୍ଭେ ଓ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠାରେ ରାଜ୍ୟ ସରକାରଙ୍କର ପ୍ରମୁଖ ଭୂମିକା ରହିଛି। ଜମି ଅଧିଗ୍ରହଣ କାର୍ଯ୍ୟ ଠିକ୍ ସମୟରେ ହେବା ସହ ଅନ୍ୟାନ୍ୟ କାର୍ଯ୍ୟରେ ରାଜ୍ୟ ସରକାର ସହଯୋଗ ଦେବା ଆବଶ୍ୟକ। ରେଳସେବା କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ପଡ଼ିଥିଲେ ମଧ ରେଳ ବିଭାଗକୁ ରାଜସ୍ୱ ଦେବାରେ ଓଡ଼ିଶାର ପ୍ରମୁଖ ଭୂମିକା ରହିଛି। ଅର୍ଥାତ୍ ରେଳ ବିଭାଗ ଓଡ଼ିଶାରୁ ଆୟ କରୁଥିବା ଅନୁରୂପ ସେବା ଓଡ଼ିଶାବାସୀଙ୍କୁ ଯୋଗାଇ ଦେବା ଉଚିତ। ରାଜ୍ୟରେ ଚାଲିଥିବା ଦ୍ରୁତ ଶିଳ୍ପାୟନ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ରେଳପଥ ଭିତ୍ତିଭୂମିକୁ ଶକ୍ତିଶାଳୀ କରାଯିବାର ଆବଶ୍ୟକତା ରହିଛି। ନିର୍ମାଣାଧୀନ ରେଳପଥର କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ ହେବାର ବ୍ୟବସ୍ଥା କରାଯିବା ଉଚିତ। ଏହା ଉପରେ ରାଜ୍ୟର ଅର୍ଥନୀତିକ ଅବସ୍ଥା ନିର୍ଭର କରୁଛି। ଅତଏବ ରାଜ୍ୟରେ ରେଳସେବାର ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ



ମତ ପ୍ରକାଶ ପାଉଛି। ତେବେ ଶ୍ରୀ ବୈଷ୍ଣବ ନିଜର ସଫଳ କାର୍ଯ୍ୟ ପାଇଁ ୨୦୦୩ରେ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପାୟୀଙ୍କ କାର୍ଯ୍ୟାଳୟରେ ଉପ-ସଚିବ ପଦରେ ନିଯୁକ୍ତି ପାଇଥିଲେ। ଏତିକିବେଳେ ଶ୍ରୀ ବୈଷ୍ଣବଙ୍କ ଜୀବନରେ ଏକ ନୂଆମୋଡ଼ ଆସିଲା। ଆଉ ବାଜପାୟୀଙ୍କ ହାତରୁ କ୍ଷମତା ଯିବା ପରେ ମଧ୍ୟ ସେ ତାଙ୍କ ନିଜସ୍ୱ ସଚିବ ହୋଇ ରହିଲେ। ଏହାର କିଛିଦିନ ପରେ ବାଜପାୟୀ ରାଜନୀତିରୁ ଦୂରେଇଯିବା ପରେ ଶ୍ରୀ ବୈଷ୍ଣବଙ୍କୁ ଗୋଆ ବନ୍ଦରର ଡ଼େପୁଟୀ ଚେୟାରମ୍ୟାନ ପଦରେ ନିଯୁକ୍ତି ଦିଆଗଲା। କିନ୍ତୁ ଏହାର କିଛିଦିନ ପରେ ଶ୍ରୀ ବୈଷ୍ଣବ ଚାକିରିରୁ ଇସ୍ତଫା ଦେଇଦେଲେ। ଏହାର କିଛିଦିନ ପରେ ନରେନ୍ଦ୍ର ମୋଦିଙ୍କ ସହିତ ଅଶ୍ୱିନୀ ବୈଷ୍ଣବଙ୍କର ସାକ୍ଷାତ ହୋଇଥିଲା। ମୋଦି ବୈଷ୍ଣବବାବୁଙ୍କ ବିଭିନ୍ନ ସଫଳ କାର୍ଯ୍ୟ ପାଇଁ ବେଶ୍ ପ୍ରଭାବିତ ହୋଇଥିଲେ। ଫଳସ୍ୱରୂପ ୨୦୧୯ରେ ଓଡ଼ିଶାରୁ ବିଜେପି ବୈଷ୍ଣବବାବୁଙ୍କୁ ରାଜ୍ୟସଭାକୁ ପଠାଇଲା। ଆଉ ଏହାର କିଛିଦିନ ପରେ ସମସ୍ତଙ୍କୁ ଚକିତ କରିଦେଇ ବୈଷ୍ଣବବାବୁ ଭାରତର ରେଳ, ଆଇଟି, ସଂଚାର, ଇଲେକ୍ଟ୍ରୋନିକ୍ସ ତଥା ସୂଚନା ମନ୍ତ୍ରୀ ହୋଇଗଲେ। ପରେ ପରେ ରେଳମନ୍ତ୍ରୀ ରେଳ ବିଭାଗରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଜୋରଦାର କାର୍ଯ୍ୟ ଆରମ୍ଭ କଲେ। ଆଗାମୀ ତିନିବର୍ଷ ମଧ୍ୟରେ ଭାରତୀୟ ରେଳରେ ଏପରି କିଛି ବ୍ୟବସ୍ଥା ହେବ, ଯଦ୍ୱାରା ସାଧାରଣ ଯାତ୍ରୀ ମଧ୍ୟ ବିଭିନ୍ନ ସୁବିଧା ପାଇପାରିବେ ବୋଲି ରେଳମନ୍ତ୍ରୀ ଘୋଷଣା କଲେ। ଯାତ୍ରୀଭଡ଼ା ଯୁକ୍ତିସଂଗତ ହେବା ସହ ରେଳଯାତ୍ରୀମାନଙ୍କୁ ବ୍ୟାପକ ସୁରକ୍ଷା ଯୋଗାଇ ଦିଆଯିବାର କଥା କହିଲେ ରେଳମନ୍ତ୍ରୀ। ଆହୁରି ମଧ୍ୟ ରେଳମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ରେଳ ବିଭାଗରେ ଭ୍ରଷ୍ଟାଚାରୀମାନଙ୍କ ସହ କୌଣସି ବୁଝାମଣା କରାଯିବ ନାହିଁ। ଭ୍ରଷ୍ଟ ଅଧିକାରୀମାନଙ୍କୁ ସେ ନିଜେ ଜେଲ୍ ପଠାଇବେ। ବିଭାଗୀୟ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେ ଏ ବାବଦରେ ସତର୍କ ରହିବାକୁ କହିଛନ୍ତି। ମାତ୍ର ସାଧୁ ଓ କର୍ମଠ ରେଳ କର୍ମଚାରୀଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଆଗାମୀ ତିନିବର୍ଷ ମଧ୍ୟରେ ଦେଶର ୧୫୦ଟି ରେଳ ଷ୍ଟେସନକୁ ପୁନଃ-ଉନ୍ନତିକରଣ କରିବାର ଲକ୍ଷ୍ୟ ରଖିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ତେବେ ୪୦୦ରୁ ଅଧିକ ରେଳ ଷ୍ଟେସନକୁ ଏହି ଯୋଜନାରେ ସାମିଲ କରାଯାଇଛି। କିନ୍ତୁ ୫୦ଟି ରେଳଷ୍ଟେସନକୁ ଏବେ ମିସନ୍ ମୋଡ଼ରେ ବିକଶିତ କରିବାର ଯୋଜନା କରିଛନ୍ତି ରେଳମନ୍ତ୍ରୀ। ଏହି ସମସ୍ତ ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ଆଧୁନିକ ସୁବିଧା କରାଯାଇଛି।

ରେଳମନ୍ତ୍ରୀ ଭାବରେ ପ୍ରଥମ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ, କଳାହାଣ୍ଡି ଏବଂ ଓଡ଼ିଶାର ଅନ୍ୟ ପଛୁଆ ଅଞ୍ଚଳରେ ରେଳ ଭିତ୍ତିଭୂମିର ବିକାଶ କରାଇବା ତାଙ୍କର ପ୍ରମୁଖ କାର୍ଯ୍ୟ ହେବ। ସେହିପରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭବାନିପାଟଣାଠାରେ ଘୋଷଣା କରିଥିଲେ ଯେ, ଜୁନାଗଡ଼ରୁ ଅମ୍ବାଗୁଡ଼ା ମଧ୍ୟରେ ରେଳ ଲାଇନ୍ ନିର୍ମାଣର ପରିଯୋଜନା ଶୀଘ୍ର ଆରମ୍ଭ ହେବ। ଏଥିସହିତ ସେ କହିଥିଲେ, ଜୁନାଗଡ଼ରୁ ଧର୍ମଗଡ଼ ମଧ୍ୟରେ ରେଳଧାରଣା ବିଛାଇବା କାମକୁ ମଧ୍ୟ ଦ୍ରୁତ କରାଯିବ। ସେ ଆହୁରି ମଧ୍ୟ କହିଥିଲେ ଯେ, କଳାହାଣ୍ଡିର ଦୁର୍ଗମ ଅଞ୍ଚଳ ଓ ଅତି ଦୁର୍ଗମ ଅଞ୍ଚଳରେ ରେଳ ସଂପର୍କ ବଢ଼ାଇବା ଓ ଆଇଟି ସେବାର ବିକାଶ କରାଇବା ତାଙ୍କର ମୂଳ ଲକ୍ଷ୍ୟ। ଆହୁରି ମଧ୍ୟ ରେଳମନ୍ତ୍ରୀ କହିଥିଲେ ଯେ, ରେଳ ମନ୍ତ୍ରଣାଳୟ ଖୁବ ଶୀଘ୍ର କଳାହାଣ୍ଡି ଜିଲ୍ଲାର ନର୍ଲା ଅଞ୍ଚଳରେ ପ୍ରସ୍ତାବିତ 'ଲୋକୋ ସାମୟିକ ମରାମତି କାର୍ଯ୍ୟ' ସଂପାଦନ ପାଇଁ ବ୍ୟବସ୍ଥା ହୋଇଛି। ଏହି ପରିଯୋଜନାକୁ ୨୦୧୭-୧୮ରେ ମଂଜୁରୀ ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନାହିଁ।

**ଶରତ କୁମାର ରାଉତ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,*
*ମୋ: ୯୩୩୭୩୬୯୪୪୮*

## ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ସହିଦ ଦିବସ ପାଳିତ

ଖୋର୍ଦ୍ଧା (ପିଏନ)- ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଖୋର୍ଦ୍ଧାଷ୍ଟେଟ ବ୍ୟାଙ୍କ ଛକ ନିକଟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ରଙ୍କ ଦ୍ୱାରା ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଓ ଦୁଇ ମିନିଟ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ମହାପାତ୍ର ଗାନ୍ଧୀଙ୍କ ସ୍ମୃତିଚାରଣ କରି ବାପୁଙ୍କ ବିନା ଭାରତବର୍ଷ ଇଂରେଜମାନଙ୍କ ପରାଧିନତାରୁ କେବେ ବି ମୁକ୍ତି ପାଇପାରି ନଥାନ୍ତା । ଅହିଂସା ସ୍ୱରାଜ୍ୟ ଓ ସତ୍ୟାଗ୍ରହ ଆଦର୍ଶକୁ ନେଇ ତିନିଶହ ବର୍ଷର ପରାଧିନତାରୁ ସ୍ୱାଧିନତାପ୍ରାପ୍ତି ସାରା ବିଶ୍ୱରେ ବିରଳ। ସାରା ବିଶ୍ୱକୁ ଏହାକୁ ବିଶ୍ୱାସ କରି ତାଙ୍କ ଜନ୍ମ ଦିବସକୁ ଆନ୍ତର୍ଜାତିକ ଅହିଂସା ଦିବସର ସମ୍ମାନର ଦେଇ ଆସୁଛି। ଏହି ଅବସରରେ ଶ୍ରୀ ମହାପାତ୍ର ସ୍ୱାଧିନତା ସଂଗ୍ରାମରେ ପ୍ରାଣବଳି ଦେଇ ସହିଦ ହୋଇଥିବା ଓ ଖୋର୍ଦ୍ଧାର ବୀର ପାଇକ ଓ ସ୍ୱାଧିନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ତାଙ୍କର ଅଭିଭାଷଣ ପୂର୍ବକ ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣନାଥ ମହାବିଦ୍ୟାଳୟର ସରକାରୀ ଅଧିକାରୀ ଓ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀମାନେ ଉପସ୍ଥିତ ରହିଥିଲେ।

## ପୁତ୍ରର ଚିକିତ୍ସା ଲାଗି ସହାୟତା ପାଇଁ ବାପାମାଆଙ୍କ ଆକୁଳ ନିବେଦନ



ଖୋର୍ଦ୍ଧା (ପିଏନ)- ବେଗୁନିଆ ସଦର ମହକୁମାର ନୂଆପଲ୍ଲିସ୍ଥିତ ପ୍ରତାପ ବାରିକଙ୍କ ପୁତ୍ର ରଘୁନାଥ(୧୭)ଙ୍କର ପିଲା ଦିନରୁ ହାର୍ଟ ରୋଗ ବାହାରି ଥିଲେ ମଧ୍ୟ ପରିବାର ଲୋକେ ବିଭିନ୍ନ ସମୟରେ ଚିକିତ୍ସା ପାଇଁ ଅର୍ଥ ଖର୍ଚ୍ଚ କରି ଆସୁଥିଲେ। ତେବେ ପ୍ରତାପ ଗାଁ ଗାଁ ବୁଲି ବାରିକ ବୃତି କରି ନିଜ ପରିବାରକୁ ଅଭାବ ଅନାଟନ ସତ୍ତ୍ୱେ ଚଳାଇ ଆସୁଥିଲେ । ଗତ ୨୦୨୦ ମସିହାରେ ରଘୁ ଦଶମ ଶ୍ରେଣୀରେ ପଢୁଥିବା ସମୟରେ ହାର୍ଟ ରୋଗଟି ଅଧିକ ଜଟିଳ ହେବାରୁ ପାଠପଢାରେ ଡୋରୀ ବାନ୍ଧିଥିଲା । ପରିବାର ପକ୍ଷରୁ ସେହି ବର୍ଷ ଭୁବନେଶ୍ୱର ଏମସରେ ଚିକିତ୍ସା ପାଇଁ ଭର୍ତି କରିଥିଲେ ମଧ୍ୟ ଚିକିତ୍ସା ହୋଇ ନପାରିବାରୁ ଗତ ୨୦୨୧ ମସିହା ଡିସେମ୍ବର ମାସରେ କଲିକତାର ଏକ ଚିକିତ୍ସାଳୟରେ ହାର୍ଟର ବାଇପାସ ସର୍ଜରୀ କରିଛଁ। କିଁ ଏବେ ସେ ଯକ୍ଷ୍ମା ରୋଗରେ ପିଡୀତ ହୋଇ ଶର୍ଯ୍ୟାଶାୟୀ ଅବସ୍ଥାରେ ପଡି ରହିଛନ୍ତି। ପ୍ରତାପଙ୍କର ଆର୍ଥିକ ସମସ୍ୟା ବହୁତ ଜଟିଳ ଥିବାରୁ ଶଯ୍ୟାଶାୟୀ ପୁତ୍ରକୁ ଚିକିତ୍ସା ପାଇଁ ଅର୍ଥର ଘୋର ଅଭାବ ହେତୁ ଦୁଃଖରେ କାଳାତିପାତ କରୁଛନ୍ତି।ଏଥିପାଇଁ ସେ ମୁଦ୍ରିତ ଗଣମାଧ୍ୟମରେ ସାହାଯ୍ୟ ସହଯୋଗ କରିବା ପାଇଁ ୯୭୭୭୮୮୮୩୬୨ (ଫୋନ ପେ ) ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୬୬ ୟୁନିଟ୍ ରକ୍ତ ସଂଗୃହିତ



ଚଣ୍ଡିଖୋଲ (ପିଏନ)--ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ୟମାନ ପକ୍ଷରୁ ଧାନମଣ୍ଡଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏହି ଶିବିରକୁ ୪୮ ବର୍ଗ ରାଜ୍ୟ ଅଧ୍ୟକ୍ଷ ସଂଘ ସଭାପତି ଅଧ୍ୟାପକ ପବିତ୍ର କୁମାର ମହାଲା ଉଦଘାଟନ କରି ରକ୍ତଦାନ ପରି ଏକ ମହତ୍ ଦାନକୁ ଆପଣାଇ ରକ୍ତଦାନ କରି ଅନ୍ୟର ଜୀବନ ବଂଚାଉଥିବା ସ୍ୱେଚ୍ଛାସେବୀମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ଅବିନାଶ ଜେନା ଓ ସମ୍ପାଦକ ଅନୀଲ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରକୁ ପ୍ରକାଶ କୁମାର ନାୟକ, କାହ୍ନୁ ଚରଣ ସାହୁ, କାର୍ତ୍ତିକ ଜେନା, ପ୍ରମୋଦ ଜେନା, ପ୍ରାପ୍ତୀପରମିତା ନାୟକ, ଆଶ୍ୱସ୍ତି ବେହେରା, ପ୍ରକାଶ ସାମଲ, ଜ୍ୟୋତିର୍ମୟୀ ବେହେରା, ପତିତପାବନ ସାହୁ, ପ୍ରକାଶ କୁମାର ସାହୁ, ଆକାଶ କୁମାର ସାହୁ, ବିଭାଷ ଚନ୍ଦ୍ର ନନ୍ଦ, ରଂଜନ କୁମାର ସିଂ, ଅକ୍ଷୟ କୁମାର ଦାସ, ସୌମ୍ୟରଂଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଭୁବନେଶ୍ୱରସ୍ଥିତ ରାଜ୍ୟ ରେଡ଼କ୍ରସ ତରଫରୁ ଡ଼ଃ ସୁଧାଂଶୁ ଶେଖର ସାହୁ, ଅବିନାଶ ଜେନା, ଶେଷମୋହନ ଶତପଥୀ, ବିଜୟ କୁମାର ସ୍ୱାଇଁ, କୀର୍ତନ ଭାଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ଶୁକ୍ଳ ଉଦ୍‌ଯାପନ କରି ରକ୍ତଦାତାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ରକ୍ତଦାନ ଶିବିରରେ ଚନ୍ଦନ କୁମାର ପଣ୍ଡା ସମେତ ୬୬ ଜଣ ପୁରୁଷ ଓ ମହିଳା ରକ୍ତଦାନ କରିଥିଲେ।




## ସୋସିଆଲ୍ ମିଡିଆରେ ନିଜ ଭଉଣୀ ପାଇଁ ଓଏଲଏମ୍ କର୍ମଚାରୀଙ୍କ ନିର୍ବାଚନ ପ୍ରଚାର: ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ

ଧର୍ମଶାଳା, (ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି । ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଓଏଲ୍ଏମ୍ ବିଭାଗର ଏମ୍ବିକେ ଝୁନୁବାଳ ଦାସ ନିଜ ଭଉଣୀ ରେଣୁବାଳା ଦାସଙ୍କୁ ଏହି ପଂଚାୟର ୬ ନମ୍ବର ୱାର୍ଡରୁ ପ୍ରାର୍ଥିନୀ କରାଇ ସୋସିଆଲ ମିଡିଆରେ ଖୋଲାଖୋଲି ଭାବେ ନିର୍ବାଚନ ପ୍ରଚାର କରୁଥିବା ଧର୍ମଶାଳା ନିର୍ବଚାନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଏତଦ୍ବ୍ୟତୀତ ତାଙ୍କ ଭଉଣୀ ସପକ୍ଷରେ ଭୋଟ ଦେବାକୁ ଏସଏସ୍‌ଜି ଗ୍ରୁପର ମହିଳାମାନଙ୍କୁ ଧମକାଇବା ସହ ପ୍ରଲୋଭିତ ଓ ମନ୍ତ୍ରଣା କରୁଥିବା ପଂଚାୟତ ବିଜେଡି ସଭାପତି ସଂଗ୍ରାମ କେଶରୀ ଜେନା, ଗ୍ରାମ୍ୟ କମିଟି କାର୍ଯ୍ୟକର୍ତ୍ତା ପ୍ରସନ୍ନ କୁମାର ବରାଳ, କନ୍ଦର୍ପ ସାହୁ, ନିର୍ମଳ ସାହୁ, ବିଜୟ କୁମାର ବରାଳ, ସୁଜାତା ସାହୁ, ରଶ୍ମିରଂଜନ ରାୟ ପ୍ରମୁଖ ବହୁ ବ୍ୟକ୍ତି ଧର୍ମଶାଳା ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଝୁନୁବାଳା ଜଣେ ସରକାରୀ କର୍ମଚାରୀ ହୋଇ ନିର୍ବାଚନ ଆଚରଣବିଧି ଉଲଂଘନ କରୁଥିବାରୁ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

## ପଂଚାୟତ ନିର୍ବାଚନ ପୂର୍ବରୁ ୧୧୩୬୮୬ ବଲ୍କ ଲିଟର ମଦ ଜବତ

ଭୁବନେଶ୍ୱର, (ପି.ଏନ): ତ୍ରି-ସ୍ତରୀୟ ପଂଚାୟତ ନିର୍ବାଚନକୁ ମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସୁରୁଖୁରୁରେ ପରିଚାଳନା କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ଆରମ୍ଭରୁ ଗୁରୁତ୍ୱ ଦେଇ ଆସିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ପୁଲିସ ବିଭାଗ ଓ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜାନୁଆରୀ ୧୯ ତାରିଖଠାରୁ ଫେବୃଆରୀ ୬ ତାରିଖ ସୁଦ୍ଧା ମୋଟ ୧୧୩୬୮୬.୧୯ ବଲ୍କ ଲିଟର ମଦ, ବେଆଇନ ଭାବେ ରଖିଥିବା ୨୭ଟି ଅସ୍ତ୍ରଶସ୍ତ୍ର, ୪୭୧.୮୬ ଗ୍ରାମ ନିଶାଦ୍ରବ୍ୟ ଓ ଆଦର୍ଶ ଆଚରଣ ବିଧି ଉଲଂଘନ ଅଭିଯୋଗରେ ୧୪୯୨ ଜଣ ବ୍ୟକ୍ତିଙ୍କ ବିରୋଧରେ ଜାମିନ ବିହୀନ ୱାରେଂଟ ଜାରି କରାଯାଇଛି । ସେଥି ମଧ୍ୟରେ ଡିସିପି, କଟକ ୧୯୫୦.୭୧୫ ବଲକ୍? ଲିଟର, ଡିସିପି, ଭୁବନେଶ୍ୱର ୨୪୭୦.୮୭, ଅନୁଗୋଳ ଜିଲ୍ଲାରୁ ୮୬୪, ବାଲେଶ୍ୱର ଜିଲ୍ଲାରୁ ୭୦୫୩୬.୯୬୫, ବରଗଡ଼ ଜିଲ୍ଲାରୁ ୮୧୮.୧୬୫, ବ୍ରହ୍ମପୁରରୁ ୧୭୧୧.୨୩, ଭଦ୍ରକ ଜିଲ୍ଲାରୁ ୨୦୨୩.୫୮, ବଲାଙ୍ଗୀରରୁ ୧୧୦୩.୬୭, ବୌଦ୍ଧରୁ ୧୮୭.୦୬, କଟକରୁ ୭୧୨.୪୩, ଦେବଗଡ଼ରୁ ୪୭୮.୮୫୫, ଢେଙ୍କାନାଳରୁ ୭୮୦.୭୫, ଗଜପତିରୁ ୩୭୧.୦୭, ଗଞ୍ଜାମରୁ ୭୦୫୭.୯୭, ଯାଜପୁରରୁ ୩୯୨୦.୮୪, ଜଗତସିଂହପୁରରୁ ୫୧୩.୦୯, ଝାରସୁଗୁଡ଼ାରୁ ୫୧୩.୦୨, କଳାହାଣ୍ଡିରୁ ୯୧୩.୦୩, କନ୍ଧମାଳରୁ ୧୪୧୨.୪୧, କେନ୍ଦୁଝରରୁ ୫୧୨.୮୫, କେନ୍ଦ୍ରାପଡ଼ାରୁ ୭୨୭.୯୮, ଖୋର୍ଦ୍ଧାରୁ ୫୮୬.୮୮, କୋରାପୁଟରୁ ୧୧୭୭.୧୪, ମୟୂରଭଞ୍ଜରୁ ୩୮୯୫.୦୪୫, ମାଲକାନଗିରିରୁ ୫୮୨.୯୪୫, ନବରଙ୍ଗପୁରରୁ ୧୬୦୯.୨୭, ନୂଆପଡ଼ାରୁ ୫୨୨.୫, ନୟାଗଡ଼ରୁ ୭୨୫.୨୪, ପୁରୀରୁ ୮୪୯.୪, ରାୟଗଡ଼ାରୁ ୧୨୫୨.୭୭୫, ରାଉରକେଲାରୁ ୭୦୨.୧୬, ସମ୍ବଲପୁରରୁ ୯୨୨, ସୁବର୍ଣ୍ଣପୁରରୁ ୨୯୫.୧ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୯୮୩.୦୨୫ ବଲ୍ କ ଲିଟର ମଦ ଜବତ କରାଯାଇଥିବା ରାଜ୍ୟ ପୁଲିସ ବିଭାଗ ତରଫରୁ ନିର୍ବାଚନ କମିଶନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।

## ବିଷ୍ଣୁ ସାମନ୍ତରାୟ ଥିଲେ ଜଣେ କାଳଜୟୀ ବ୍ୟକ୍ତିତ୍ୱ

ଚଣ୍ଡିଖୋଲ, (ପିଏନ): ଧରା ପୃଷ୍ଟରେ ମଣିଷ ମାନବ ଶରୀର ଧାରଣ କରି ଧରା ପୃଷ୍ଟରୁ ବିଦାୟ ନେଲେ ମଧ୍ୟ ନିଜର କାର୍ଯ୍ୟ, କର୍ତ୍ତବ୍ୟ ଓ କର୍ମଯୋଗୁ ଅମର ହୋଇଥାଏ । ମଣିଷ ନିଜର କର୍ତ୍ତବ୍ୟ ଓ ପରଉପକାର ଯୋଗୁ ଅମର ହୋଇଥାଏ । ଏହିପରି ଜଣେ କାଳଜୟୀ ବ୍ୟକ୍ତିତ୍ୱ ଥିଲେ ବିଷ୍ଣୁ ଚରଣ ସାମନ୍ତରାୟ । ନିଜ ଜୀବନ ଦର୍ଶନରେ ବହୁ ଶିକ୍ଷାନୁଷ୍ଠାନ ଗଠନ କରି ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷିତା କରିବା ସହିତ ଏହି ଅଂଚଳରେ ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ ବହୁ କାର୍ଯ୍ୟକରିଛନ୍ତି । ତାଙ୍କ ପ୍ରତିଷ୍ଠିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଆଜି ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛି । ଏହି ପରାପ୍ରେକ୍ଷୀରେ ଆଜି ତାଙ୍କର ୧୧୧ ତମ ଜନ୍ମ ଜୟନ୍ତୀ ଅବସରରେ ନୁଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । କଲେଜର ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ନାୟକ ଯୋଗ ଦେଇ ବିଷ୍ଣୁ ସାମନ୍ତରାୟଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ନୃସିଂହ ପ୍ରସାଦ ବସ୍ତିଆ ଯୋଗ ଦେଇ ସ୍ୱର୍ଗତ ସାମନ୍ତରାୟ ୨୫କ ପଣକିଆ ଶେଷ କରିନଥିଲେ ମଧ୍ୟ ଏହି ଅଂଚଳରେ ହଜାର ହଜାର ଶିକ୍ଷିତ ଯୁବକ ଯୁବତୀ ସୃଷ୍ଟି କରି ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା କରାଇପାରିଥିଲେ । ବିରୁପା-ଗେଙ୍ଗୁଟି ଦ୍ୱୀପାଂଚଳ ସଂଗ୍ରାମ ସମିତି ମାଧ୍ୟମରେ ଏହି ଅଂଚଳରେ କୃଷି, କୃଷକ ଓ କୃଷି କ୍ଷେତ୍ରର ଉନ୍ନତି କରିବା ସହିତ ଏହି ଅଂଚଳକୁ ଏକ ସମୃଦ୍ଧ ଓ ବିକଶିତ ଅଂଚଳ ଭାବରେ ଗଢିଥିଲେ । ବହୁ ସ୍ଥାନରେ ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ଓ ଉଚ୍ଚତର ଶିକ୍ଷାର ପ୍ରଚାର ପ୍ରସାର କରିବା ସହିତ ଏହି ଅଂଚଳରେ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ବିକାଶ କରିପାରିଥିଲେ । ସମ୍ମାନୀତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ତ୍ରିଲୋଚନ ରାଉତ, ଇଂରାଜୀ ବିଭାଗ ଅଧ୍ୟାପକ ବିଶ୍ୱନାଥ ଦାସ, ରାଜେନ୍ଦ୍ର କୁମାର ସାହୁ, ପ୍ରଦୀପ୍ତ କୁମାର ବରାଳ, ବ୍ରଜ କିଶୋର ସ୍ୱାଇଁ ଓ ହରପ୍ରସନ୍ନ ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ସାମନ୍ତରାୟଙ୍କୁ ଜଣେ କାଳଜୟୀ ବ୍ୟକ୍ତିତ୍ୱ ଭାବରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଛତିଆ ସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ବିଶ୍ୱନାଥ ଦାସ ବିଷ୍ଣୁ ସାମନ୍ତରାୟ ଏନ୍ଡୋକେମନାଲ ଫଣ୍ଡ ଗଠନ କରିବା ପାଇଁ ପ୍ରସ୍ତାବ ଦେବା ସହିତ ଏହି ଫଣ୍ଡକୁ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଲେଜର ବହୁ ଅଧ୍ୟାପକ/ଅଧ୍ୟାପିକା, ଅବସରପ୍ରାପ୍ତ ଅଧ୍ୟାପକ/ଅଧ୍ୟାପିକା, ପୁରାତନ ଛାତ୍ର/ ଛାତ୍ର , କର୍ମଚାରୀ ଯୋଗ ଦେଇଥିଲେ ।

## ତାଲା ଭାଙ୍ଗି ହନୁମାନ ମନ୍ଦିରରୁ ଲକ୍ଷାଧିକ ଟଂକାର ସାମଗ୍ରୀ ଲୁଟ୍



ଖୋର୍ଦ୍ଧା,(ପି.ଏନ): ଦିନକୁ ଦିନ ଅସୁରକ୍ଷିତ ହୋଇ ପଡୁଛି ଖୋର୍ଦ୍ଧା ସହର । ବଢି ବଢି ଚାଲିଛି ଲୁଟ୍ ଓ ଛିନତାଇ । ମଙ୍ଗଳବାର ରାତିରେ ଲୁଟେରାମାନେ ଭାଲିଆବାଡ଼ି ଖେଳପଡ଼ିଆ ସାମ୍ନା ହନୁମାନ ମନ୍ଦିରରୁ ରୂପା ମୁକୁଟ, ସୁନା କୁଣ୍ଡଳ, ଘଂଟ, ଘଂଟା, ଥାଳି, ପୂଜା ସାମଗ୍ରୀ, ପିତଳ କୁଣ୍ଡ, ଚାମର, ସାଉଣ୍ଡ ବକ୍ସ ଆଦି ଲୁଟିନେଇଛନ୍ତି । ଏସବୁର ମୂଲ୍ୟ ଲକ୍ଷାଧିକ ଟଂକାର ହେବ ବୋଲି ଅନୁମାନ କରାଯାଉଛି । ମନ୍ଦିର କମିଟି ପକ୍ଷରୁ ଆଦର୍ଶ ଥାନାରେ ଏତଲା ଦିଆଯିବା ପରେ ପୁଲିସ ଏ ନେଇ ତଦନ୍ତ କରୁଛି । ଦୁର୍ବୃର୍ତମାନେ ମନ୍ଦିରର ପାର୍ଶ୍ୱ ଫାଟକର ୩ଟି ତାଲା ଭାଙ୍ଗି ଏ କାଣ୍ଡ ଭିଆଇଥିବାବେଳେ ମହାବୀରଙ୍କ ଦାନବାକ୍ସକୁ ଡଂଗାରୁଜା କରିବା ପାଇଁ ଉଦ୍ୟମ କରିଥିଲେ । ପୂର୍ବରୁ ମଧ୍ୟ ଏଠାରୁ ଲୁଟ୍ ଉଦ୍ୟମ ହୋଇଥିଲା ବୋଲି ମନ୍ଦିର କମିଟି ସଦସ୍ୟ ପ୍ରମୋଦ ବାରିକ, ଶରତ ମହାପାତ୍ର ପ୍ରମୁଖ ମତପ୍ରକାଶ କରିଛନ୍ତି । ମଦ ତଥା ବ୍ରାଉନସୁଗାର ପାଇଁ ଏଭଳି ଲୁଟପାଟ୍ ହୋଇଥିବାର ସନ୍ଦେହ କରାଯାଉଛି । ନିକଟରେ ମଦ ଦୋକାନ ଓ ଖେଳ ପଡ଼ିଆ ଥିବାରୁ ନିଶାଡ଼ିଙ୍କ ପାଇଁ ଏ ଅଂଚଳ ଭାରି ସୁହାଉଛି । ଖେଳପଡ଼ିଆ ଭିତରେ ଏବଂ ରାସ୍ତାକଡ଼ରେ ଜମୁଛି ନିଶାପାଣିର ଆସର । ଫାଷ୍ଟଫୁଡ଼ ଦୋକାନରୁ ଚାଖଣା ନେଇ ନିଶାଡ଼ିମାନେ ମନ୍ଦିର ନିକଟରେ ଆଡ୍ଡା ଜମାଉଛନ୍ତି । ନିଧଡ଼କ ଡ୍ରଗ୍ସ କାରବାର ମଧ୍ୟ ଚାଲିଛି । ନୂଆ ବସଷ୍ଟାଣ୍ଡରୁ ଚଣ୍ଡୀଚୁଆ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱ ଅସାମାଜିକ ବ୍ୟକ୍ତିଙ୍କ ପେଣ୍ଠସ୍ଥଳୀ ପାଲଟିଛି । ଏପରିକି ଜରୁରୀ ପରିସ୍ଥିତିରେ ରାତିରେ ଡାକ୍ତରଖାନା ଯାଉଥିବା ରୋଗୀଙ୍କ ପାଇଁ ଏ ରାସ୍ତା ବିପଦପୂର୍ଣ୍ଣ ହୋଇପଡ଼ିଛି ।

## କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା

ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ଦୁଇ ସରକାରୀ କର୍ମଚାରୀଙ୍କୁ ଦଳୀୟ କାର୍ଯ୍ୟାଳୟରେ ମାଡ ମାରିବା ଅଭିଯୋଗ ନେଇ ବାରିପଦା ଟାଉନ ଥାନାରେ ରୁଜୁ ହୋଇଥିବା ମାମଲାରେ କେନ୍ଦ୍ରମନ୍ତ୍ରୀଙ୍କୁ ଅନ୍ତରୀଣ ସୁରକ୍ଷା ମିଳିଛି । ଆଗୁଆ ଜାମିନ ଲୋଡ଼ି କେନ୍ଦ୍ରମନ୍ତ୍ରୀ ଦାଖଲ କରିଥିବା ଆବେଦନର ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ତାଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ମାର୍ଚ୍ଚ ୪ରେ ଶ୍ରୀ ଟୁଡୁ ଟାଉନ ଥାନା ଆଇଆଇସିଙ୍କ ନିକଟରେ ହାଜର ହେବା ସହିତ ତଦନ୍ତରେ ସହଯୋଗ କରିବେ । ସାକ୍ଷ୍ୟ ପ୍ରମାଣକୁ ପ୍ରଭାବିତ କରିବା ଭଳି କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ପରବର୍ତୀ ଶୁଣାଣି ସମୟରେ କେସ୍ ଡାଏରି ସହିତ ତଦନ୍ତର ସାନି ସ୍ଥିତି ନେଇ ସରକାର ଅବଗତ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

## ଘରକୁ ଘର ବୁଲି ୩ ପ୍ରମୁଖ ପ୍ରାର୍ଥୀଙ୍କ ଭୋଟ ପ୍ରଚାର ଜୋରଦାର

ଚଣ୍ଡିଖୋଲ,(ପିଏନ):ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଅରଖପୁର ଗ୍ରାମପଂଚାୟତରେ ତିନି ପ୍ରମୁଖ ପ୍ରାର୍ଥୀମନେ ନିଜର ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି । ଏହି ପଂଚାୟତରେ ବନ୍ଧା ପଦ୍ମଲାଭପୁର, ଶୁରର୍ଖାଦେଇପୁର, ଅରଖପୁର, ନିଳାମ୍ବରପୁର, ବାରବାଟି ସମେତ ୫ଟି ଗ୍ରାମ ଓ ୧୧ଟି ୱାର୍ଡ଼ରେ ପ୍ରାର୍ଥୀମାନେ ଘରକୁ ଘର ବୁଲି ନିଜ ପ୍ରଚାରକୁ ଜୋରଦାର କରିବା ସହିତ ଭୋଟରମାନଙ୍କର ଆର୍ଶିବାଦ ଭିକ୍ଷା କରୁଛନ୍ତି । ଏହି ପଂଚାୟତ ଅନ୍ତର୍ଗତ ୧୮ନଂ ଯୋନଟି ସାଧାରଣ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ । ଏହି ଯୋନରୁ ଯାଜପୁର ଜିଲା ବିଜେଡ଼ି ଉପ ସଭାପତି ଅମର ମହାନ୍ତିଙ୍କ ପତ୍ନୀ ସସ୍ମିତା ମହାନ୍ତି ନିଜ ସ୍ୱାମୀଙ୍କ ଜନ ସମ୍ପର୍କ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଦୃଢ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ନିର୍ବାଚନ ରଣାଙ୍ଗନରେ ଅବତିର୍ଣ୍ଣ ହୋଇଛନ୍ତି । ନିଜ ଯୋନକୁ ଏକ ଶାନ୍ତ ସମୃଦ୍ଧ, ବିକଶିତ ଓ ସ୍ୱଭିମାନୀ ଯୋନରେ ପରିଣତ କରିବା ପାଇଁ ଭୋଟରମାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଅନୁରୋଧ କରିଛନ୍ତି । ସେହିପରି ସରପଂଚ ପ୍ରାର୍ଥୀ ଭାବେ ଅରଖପୁର ଗ୍ରାମପଂଚାୟତରେ ବିଗତ ୫ବର୍ଷ ରେ ସରପଂଚ ଭାବରେ କରିଥିବା ବିଭିନ୍ନ ଉନ୍ନତି ମୁଳକ କାର୍ଯ୍ୟକୁ ପାଥେୟ କରି ଏଥର ପାଇଁ ସମିତି ସଭ୍ୟା ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ତାଙ୍କର ଚିହ୍ନ ଷ୍ଟୁଲ ଅଟେ । ଏହି ଚିହ୍ନରେ ବିପୁଳ ସଂଖ୍ୟାରେ ମୋହର ମାରୀ ଏକ ବିକଶିତ ଓ ସମୃଦ୍ଧ ବଡ଼ଚଣା ପଂଚାୟତ ସମିତି ଗଠନ କରିବାରେ ତାଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି । ସେହିପରି ପ୍ରଥମ ଥର ପାଇଁ ରାଜନୀତିରେ ଯୋଗ ଦେଇଥିବା ସୁପ୍ରିୟା ପ୍ରିୟଦର୍ଶିନୀ ଲେଙ୍କା ସରପଂଚ ପ୍ରାର୍ଥୀ ରୁପେ ଅରଖପୁର ଗ୍ରାମପଂଚାୟତରେ ମାଛ ଚିହ୍ନରେ ନିର୍ବାଚନ ପ୍ରତିଦ୍ୱନ୍ଦିତା କରୁଛନ୍ତି । ରାଜନୀତିରେ ନୂଆ ହେଲେ ମଧ୍ୟ ଜଣେ ମିଷ୍ଟଭାଷୀ, ପରଉପକାରୀ ମହିଳା ଭାବରେ ପଂଚାୟତ ବିକାଶରେ ସାହାର୍ଯ୍ୟ କରିବା ପାଇଁ ପଂଚାୟତର ଭୋଟର ଭାଇ ଭଉଣୀମାନଙ୍କୁ ନିବେଦନ କରିଛନ୍ତି ।

## ରାଜ୍ୟ ପାନୀୟ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ରାଜ୍ୟ ପାନୀୟ ନିମଗମ ତରଫରୁ ଆଜି ୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି । ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏହି ରାଶିର ଚେକ୍ ନିଗମର ଅଧ୍ୟକ୍ଷ ସୁଶୀଲ କୁମାର ଲୋହାନୀଙ୍କ ଠାରୁ ଗ୍ରହଣ କରିଛନ୍ତି ।ଚେକ୍ ପ୍ରଦାନ କରି ଅବସରରେ ଶ୍ରୀ ଲୋହାନୀ ଜଣାଇଥିଲେ ଯେ ଚଳିତ ଆର୍ଥିକ ୨୨ ବର୍ଷ ଜୁନ୍ ମାସରେ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଆଜିର ରାଶିକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ସମୁଦାୟ ୧୦ କୋଟି ଟଙ୍କା ନିଗମ ତରଫରୁ ପ୍ରଦାନ କରାଯାଇଛି । ଏହି ଅବସରରେ ନିଗମ ତରଫରୁ ୨୦୨୦-୨୧ ଆର୍ଥିକ ବର୍ଷର ଡିଭିଡେଂଟ୍ ବାବଦରେ ୬ କୋଟି ୨୬ ଲକ୍ଷ ୩୨୦ ହଜାର ୮୮ ଟଙ୍କାର ଚେକ୍ ମଧ୍ୟ ଶ୍ରୀ ଲୋହାନୀ ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ସରକାରଙ୍କୁ ପ୍ରଦାନ କରିଥିଲେ । ଚେକ୍ ଗ୍ରହଣକରି ଶ୍ରୀ ମହାପାତ୍ର ଲାଭଜନକ ପରିଚାଳନା ନିମନ୍ତେ ନିଗମର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ ।

## ପ୍ରଚାରକୁ ଜୋରଦାର କରିଛନ୍ତି ଋଚାଲିନ୍ ଓ ଅନୁପମା

ଚଣ୍ଡିଖୋଲ,(ପିଏନ):ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରାର୍ଥୀମାନେ ଭୋଟରଙ୍କୁ ନିଜ ସପକ୍ଷରେ ମତଦାନ କରିବାକୁ ଦିନ ରାତି ଏକ କରିଦେଇଚନ୍ତି । ଏହି ପରିପ୍ରେକ୍ଷୀରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ହୃଦୟ କୁହାଯାଉଥିବା ସୁଙ୍ଗୁଡ଼ା ଗ୍ରାମପଂଚାୟତ ଏକ ପ୍ରମୁଖ ନିର୍ବାଚନ ମଣ୍ଡଳୀ । ଏହି ନିର୍ବାଚନରେ ସରପଂଚ ପ୍ରାର୍ଥୀ ପାଇଁ ୪ଜଣ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସେଥିମଧ୍ୟରୁ ଋଚାଲିନ୍ ସ୍ୱାଇଁ ଅନ୍ୟତମ । ନିଜର ବିଗତ ୫ବର୍ଷରେ ଗ୍ରାମ ପଂଚାୟତରେ କରିଥିବା ଉନ୍ନୟନ ମୁଳକ କାର୍ଯ୍ୟ, ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଆର୍ଶିବାଦ ଓ ସର୍ବପରି ସୁଙ୍ଗୁଡ଼ା ଗ୍ରାମପଂଚାୟତ ଭୋଟର ଭାଇଭଉଣୀମାନଙ୍କର ସାହାର୍ଯ୍ୟ ଓ ସହଯୋଗ ଓ ଆର୍ଶିବାଦକୁ ପାଥେୟ କରି ୨ୟ ଥର ସରପଂଚ ପ୍ରାର୍ଥୀ ରୁପେ ପ୍ରଚାର କରୁଛନ୍ତି । ତାଙ୍କୁ ମାଛ ଚିହ୍ନ ମିଳିବା ପରେ ସେ ପ୍ରଚାରକୁ ଜୋର ଦାର କରିଛନ୍ତି । ସୁଙ୍ଗୁଡ଼ା ଗ୍ରାମପଂଚାୟତର ୧୪ଟି ୱାର୍ଡ଼ରେ ଥିବା ସୁଙ୍ଗୁଡ଼ା, ନୂଆସୁଙ୍ଗୁଡ଼ା, ନିଶିମଳା, ଖୋସାଲିପୁର ଆଦି ଗ୍ରାମଗୁଡ଼ିକରେ ନିଜ ପ୍ରଚାରକୁ ଜୋରଦାର କରିଛନ୍ତି । ଆଜି ଶ୍ରୀମତୀ ସ୍ୱାଇଁ ଶତାଧିକ ସମର୍ଥକଙ୍କୁ ସାଥିରେ ଧରି ନିଶିମଳା ଗ୍ରାମରେ ଭୋଟ ପ୍ରଚାରକୁ ଜୋରଦାର କରିଛନ୍ତି । ସୁଙ୍ଗୁଡ଼ା ଗ୍ରାମପଂଚାୟତରେ ହୋଇଥିବା ବିକାଶ ମୁଳକ କାର୍ଯ୍ୟ ଓ ଆଗାମୀ ଦିନରେ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଭୋଟରମାନଙ୍କୁ ପ୍ରତିଶୃତି ଦେବା ସହ ଭୋଟରମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ସେହିପରି ସମିତି ସଭ୍ୟା ଭାବେ ପ୍ରଥମ ଥର ପାଇଁ ରାଜନୀତିରେ ପାଦ ରଖିଥିବା ଯୁବନେତା ଯିତେନ୍ଦ୍ର ସ୍ୱାଇଁଙ୍କ ଧର୍ମପତ୍ନୀ ଅନୁପମା ନାୟକ ନିଜର ସମର୍ଥକମାନଙ୍କୁ ଧରି ସୁଙ୍ଗୁଡ଼ା ପଂଚାୟତର ବିଭିନ୍ନ ଗ୍ରାମରେ ପ୍ରଚାରକୁ ଜୋରଦାର କରିଛନ୍ତି । ନିଜ ନିର୍ବାଚନ ଚିହ୍ନ କେଟିଲୀରେ ବହୁ ସଂଖ୍ୟାରେ ଭୋଟ ଦେଇ ତାଙ୍କୁ ଜୟଯୁକ୍ତ କରିବା ସହ ସୁଙ୍ଗୁଡ଼ା ଗ୍ରାମପଂଚାୟରେ ହୋଇଥିବା ବିକାଶ ଧାରାକୁ ଆଗେଇ ନେବା ପାଇଁ ନିବେଦନ କରିଛନ୍ତି ।

## ଫାଇଲେରିଆ ନିରାକରଣରେ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ୍ୟର ୧୫ଟି ଜିଲ୍ଲାରେ ଲିମ୍ଫାଟିକ ଫାଇଲେରିଆସିସ୍ ନିରାକରଣ ପାଇଁ ପର୍ଯ୍ୟାୟ କ୍ରମିକ ଭାବରେ ଏକ ସାମୂହିକ ଔଷଧ ସେବନ (ଏମଡିଏ) ପଯ୍ୟାୟ ଆୟୋଜନ କରିବେ । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ଲୋବାଲ ହେଲ୍ଥ ଷ୍ଟ୍ରାଟେଜି ସହିତ ମିଳିତ ଭାବରେ ଏକ ଭର୍ଚୁଆଲ ଗଣମାଧ୍ୟମ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା । ଲିମ୍ଫାଟିକ ଫାଇଲେରିଆସିସ୍ ସୃଷ୍ଟି କରୁଥିବା ଦୁର୍ବଳତା ସମ୍ପର୍କରେ ଆଲୋକପାତ କରୁଥିବା ସୂଚନା ଜନସାଧାରଣଙ୍କ ନିକଟରେ ପହଂଚାଇବାକୁ ସୁନିଶ୍ଚିତ କରିବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା, ଯଦ୍ଦ୍ୱାରା ଜନସାଧାରଣ ଏହି ରୋଗର ଗୁରୁତର ପ୍ରଭାବ ସମ୍ପର୍କରେ ସଠିକ ସୂଚନା ପାଇପାରିବେ । କର୍ମଶାଳା ଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଭେକଫରବାହିତ ରୋଗଗୁଡିକର ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା. ଶୁଭାଶିଷ ମହାନ୍ତି କହିଥିଲେ, '୨୦୩୦ ସୁଦ୍ଧା ଦେଶରୁ ଫାଇଲେରିଆ ନିରାକରଣ ନିମନ୍ତେ ଭାରତର ପ୍ରତିବଦ୍ଧତାକୁ ଲକ୍ଷ୍ୟ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ପ୍ରୟାସଗୁଡ଼ିକର ନିରନ୍ତରତା ବଜାୟ ରଖିବା ବିଷୟକୁ ହୃଦବୋଧ କରି ଓଡ଼ିଶା ସରକାର ୧୫ଟି ଏଲଏଫ ଜିଲ୍ଲାରେ ପର୍ଯ୍ୟାୟ କ୍ରମିକ ଭାବରେ ଏମ୍‌ଡିଏ ପର୍ଯ୍ୟାୟଗୁଡ଼ିକ ହାତକୁ ନେଉଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଜାରି କୋଭିଡ-୧୯ ନିୟମାବଳୀ ମୁତାବକ ଏହି ଏମ୍‌ଡିଏ ପର୍ଯ୍ୟାୟଗୁଡ଼ିକ ଆୟୋଜନ କରାଯିବ । ସାମୂହିକ ଔଷଧ ସେବନ (ଏମ୍‌ଡିଏ) କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ୨୦୨୨ ଫେବୃଆରୀ ୧୦ରୁ ଫେବୃଆରୀ ୧୯ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୦୨୨ ଫେବୃଆରୀ ୭ରୁ ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ । ଫେବୃଆରୀ ୧୦ ତାରିଖରୁ ଏମ୍‌ଡିଏ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାକୁ ଯାଉଥିବା ୮ଟି ଜିଲ୍ଲା ହେଉଛି ଅନଗୁଳ, ବାଲେଶ୍ୱର, କଟକ, ଗଞ୍ଜାମ, ଢେଙ୍କାନାଳ, ଝାରସୁଗୁଡା, ନୂଆପଡା ଏବଂ ନୟାଗଡ । ଦ୍ୱିତୀୟ ପର୍ଯ୍ୟାୟରେ ଏମ୍‌ଡିଏ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାକୁ ଥିବା ୭ଟି ଜିଲା ମଧ୍ୟରେ ବରଗଡ, କେନ୍ଦୁଝର, କନ୍ଧମାଳ, ମୟୂରଭଞ୍ଜ, ସୋନପୁର, ସୁନ୍ଦରଗଡ ଏବଂ ସମ୍ବଲପୁର ରହିଛି ।'ଏହି ଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଲେ ଯେ, 'ଫାଇଲେରିଆ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଯାହା ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ । ବିଶ୍ୱବ୍ୟାପୀ ଦୀର୍ଘସୂତ୍ରୀ ଅକ୍ଷମତାର ଅନ୍ୟତମ ମୁଖ୍ୟ କାରଣ ହେଉଛି ଫାଇଲେରିଆସିସ୍ । ସାଧାରଣତଃ ପିଲାଦିନେ ଆକ୍ରାନ୍ତ କରୁଥିବା ଏହି ସଂକ୍ରମଣ ଲିମ୍ଫାଟିକ ବ୍ୟବସ୍ଥାକୁ ନଷ୍ଟ କରିଥାଏ ଏବଂ ତାହାର ଯଦି ଚିକିତ୍ସା କରାନଯାଏ ତେବେ ଶରୀରର ବିଭିନ୍ନ ଅଂଶରେ ଅସ୍ୱାଭାବିକ ଫୁଲା ସୃଷ୍ଟି କରିଥାଏ, ଯାହା ପୂର୍ବାବସ୍ଥାକୁ ଫେରାଇ ଅଣାଯାଇପାରିବ ନାହିଁ । ଫାଇଲେରିଆସିସ୍ ରେ ଆକ୍ରାନ୍ତ ଲୋକମାନେ ଅନେକ ସମୟରେ ହାଇଡ୍ରୋସିଲ (ଅଣ୍ଡକୋଷ ଫୁଲିବା), ଲିମ୍ଫୋଡେମା (ଅଙ୍ଗ ପ୍ରତ୍ୟଙ୍ଗ ଫୁଲିବା) ଏବଂ ଚାଇଲୁରିଆ (ଇଷତ୍ ଦୁଗ୍ଧ ରଙ୍ଗର ପରିସ୍ରା) ଭଳି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏଭଳି ପରିସ୍ଥିତି ଲିମ୍ଫାଟିକ ଫାଇଲେରିଆସିସ୍ ରେ ଆକ୍ରାନ୍ତ ଲୋକଙ୍କର ଜୀବିକା, ସୁବିଧା ସୁଯୋଗ ଏବଂ କାର୍ଯ୍ୟ କରିବାର ସାମର୍ଥ୍ୟକୁ ପ୍ରଭାବିତ କରିଥାଏ ଏବଂ ଅନେକ ସମୟରେ ସେମାନେ ସାମାଜିକ ହୀନମନ୍ୟତାର ବିଷୟବସ୍ତୁ ପାଲଟିଯାଆନ୍ତି । ଫାଇଲେରିଆସିସ୍ ଏକ ଅକ୍ଷମକାରୀ ରୋଗ ଯାହାକୁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଫାଇଲେରିଆ ନିରୋଧୀ ଔଷଧ (ଡିଇସି ଓ ଆଲବେଣ୍ଡାଜୋଲ) ସେବନ ଦ୍ୱାରା ରୋକାଯାଇପାରିବ । ଡା. ମିଶ୍ର ମଧ୍ୟ ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ପ୍ରକାଶ କରିଥିଲେ ଯାହା ସାଧାରଣତଃ କ୍ୱଚିତ ପରିଲକ୍ଷିତ ହୋଇଥାଏ ଏବଂ ଏଭଳି ପରିସ୍ଥିତିର ସମାଧାନ କରିବାକୁ କ୍ଷେତ୍ରସ୍ତରରେ ଆରଆରଟିମାନେ ରହିଛନ୍ତି । ସେ ପୁନଶ୍ଚ କରିଥିଲେ ଯେ 'ଆଲବେଣ୍ଡାଜୋଲ୍ 'କୁ ଚୋବେଇ ଖିଆଯିବ ଏବଂ ଡିଇସିକୁ ସେହିଭଳି ଗୋଟା ଗିଳିଦେବାକୁ ହେବ । ଖାଦ୍ୟ ଖାଇବା ପରେ ଏହି ଔଷଧ ସେବନ କରିବାକୁ ହେବ । ଭାରତର ଜାତୀୟ ଲିମ୍ଫାଟିକ ଫାଇଲେରିଆସିସ୍ ନିରାକରଣ କାର୍ଯ୍ୟକ୍ରମର ଦୁଇ ସ୍ତରୀୟ କୌଶଳ ରହିଛି । ପ୍ରଥମଟି ସାମୂହିକ ଔଷଧ ସେବନ (ଏମଡିଏ), ଦ୍ୱିତୀୟଟି ମୃତ୍ୟୁ ହାର ହ୍ରାସ ଓ ଅକ୍ଷମତାକୁ ରୋକିବା (ଏମଏମ୍‌ଡିପି) । ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡା.ଏସ ପଟନାୟକ କୃମିନାଶକ ଫାଇଦା ସମ୍ପର୍କରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, 'ଏମ୍‌ଡିଏ ସମୟରେ ସେବନ କରାଯାଉଥିବା ଆଲବେଣ୍ଡାଜୋଲ୍ ଭଳି ପ୍ରତିଷେଧକ ଔଷଧର କୃମି ନାଶ କରିବା ଭଳି ଅତିରିକ୍ତ ଫାଇଦା ରହିଛି, ଯାହା ପିଲାଙ୍କ କ୍ଷେତ୍ରରେ ପୋଷକ ତନ୍ତ୍ରର ଗ୍ରହଣୀୟତାକୁ ବୃଦ୍ଧି କରିଥାଏ ଏବଂ ସେମାନଙ୍କର ଶାରୀରିକ ଏବଂ ମାନସିକ ବିକାଶରେ ସହାୟକ ହୋଇଥାଏ । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡା.ଅଜିତ କୁମାର ମହାନ୍ତି କହିଥିଲେ, 'ଏମଡିଏ ପର୍ଯ୍ୟାୟଗୁଡିକ ଅବସରରେ କୋଭିଡ-୧୯ ସଂକ୍ରମଣକୁ ରୋକିବା ପାଇଁ ସମସ୍ତ ନିରାପତାମୂଳକ (ହାତ ଧୋଇବା, ମାସ୍କ ପରିଧାନ ଏବଂ ସାମାଜିକ ଦୂରତା ବଜାୟ ରଖିବା) ପଦକ୍ଷେପକୁ ଅନୁପାଳନ କରାଯିବ । ଜିଲ୍ଲାଗୁଡିକରେ ଯୋଗ୍ୟ ହିତାଧିକାରୀମାନେ ଯେଭଳି ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବେ, ତାହା ମଧ୍ୟ ସୁନିଶ୍ଚିତ କରାଯିବ । ୨ ବର୍ଷରୁ କମ୍ ବୟସର ପିଲା, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ଥିବା ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହି ପର୍ଯ୍ୟାୟଗୁଡିକ ସମୟରେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଧାର୍ଯ୍ୟ ଔଷଧ ସେବନ କରିବାକୁ ହେବ ।' ସେ ମଧ୍ୟ ଗୁରୁତ୍ୱ ଦେଇ କହିଥିଲେ ଯେ, 'ଏହି କାର୍ଯ୍ୟକ୍ରମ ଅଧୀନରେ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଫାଇଲେରିଆସିସ୍ ନିରାକରଣ ଦିଗରେ ପ୍ରତିବଦ୍ଧତା ସହିତ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ ଏବଂ ଜନସମୁଦାୟ ଯେଭଳି ଫାଇଲେରିଆସିସ୍ ନିରାକରଣ କାର୍ଯ୍ୟକ୍ରମକୁ ଏକ ଜନଆନ୍ଦୋଳନରେ ପରିଣତ କରିବେ, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।' ସେ ଏହା ମଧ୍ୟ କହିଥିଲେ ଯେ, 'କେବଳ ଜନସାଧାରଣ ଏବଂ ଗଣମାଧ୍ୟମର ସମର୍ଥନରେ ଆମେ ଏଲଏଫ୍ କୁ ସମ୍ପୂର୍ଣ୍ଣ ଭାବରେ ନିରାକରଣ କରିବାରେ ସମର୍ଥ ହୋଇପାରିବା । ହିତାଧିକାରୀମାନେ ବହୁ ସଂଖ୍ୟାରେ ଫାଇଲେରିଆ ନିରୋଧୀ ଔଷଧ ସେବନ କଲେ ଏହା ସଂକ୍ରମଣର ଶୃଙ୍ଖଳକୁ ଛିନ୍ନ କରିବ ।'ଏହି ଅଭିଯାନ ପର୍ଯ୍ୟାୟ ସମୟରେ ଆଶାଙ୍କ ସହିତ ପ୍ରାୟ ୫୫,୫୪୪ ଜଣ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ୮ଟି ଜିଲ୍ଲାରେ ଔଷଧ ପ୍ରଦାନକାରୀ ଭାବରେ ଘରକୁ ଘର ଗସ୍ତ କରିବେ । ପରିଶେଷରେ ଗ୍ଲୋବାଲ ହେଲ୍ଥ ଷ୍ଟ୍ରାଟେଜିର ନିର୍ଦ୍ଦେଶକ ଶ୍ରୀ ଅନୁଜ ଘୋଷ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ସମସ୍ତଙ୍କର ସମ୍ମିଳିତ ପ୍ରଚେଷ୍ଟା ଦ୍ୱାରା ଆମେମାନେ ଲିମ୍ଫାଟିକ ଫାଇଲେରିଆସିସ୍ ଭଳି ରୋଗକୁ ରାଜ୍ୟରୁ ନିରାକରଣ କରିପାରିବା ବୋଲି ମତ ଦେଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଏବଂ ପ୍ରୋଜେକ୍ଟ କନସର୍ନ ଇଂଟରନ୍ୟାସନାଲ (ପିସିଆଇ)ର ରାଜ୍ୟ ପ୍ରତିନିଧିଗଣ ମଧ୍ୟ ଏହି ଗଣମାଧ୍ୟମ କର୍ମଶାଳାରେ ଉପସ୍ଥିତ ଥିଲେ ।

## ଚୋରମୁହାଁରେ ସରପଂଚ ପଦ ପାଇଁ ହେବ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଚୋରମୁହାଁ ପଂଚାୟତରେ ଚଳିତଥର ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ୪ ଜଣ ସରପଂଚ ପ୍ରାର୍ଥି ପ୍ରତିଦ୍ୱନ୍ଦିତା କରୁଛନ୍ତି । ତେବେ ଏଠାରେ ତ୍ରିମୁଖୀ ଲଢେଇ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଚୋରମୁହାଁ ପଂଚାୟତରେ ମୋଟ ଭୋଟର ସଂଖ୍ୟା ୪ହଜାର ୯ଶହ ୧୮ ରହିଛନ୍ତି । ମୋଟି ୧୭ଟି ୱାର୍ଡ ରହିଥିବା ବେଳେ ପୁରୁଷ ଭୋଟର ସଂଖ୍ୟା ୨ହଜାର ୪ଶହ ୬୩ ଥିବା ବେଳେ ମହିଳା ଭୋଟର ସଂଖ୍ୟା ୨ହଜାର ୪ଶହ ୫୫ ରହିଛି । ଏହି ପଂଚାୟତରେ ଶାସକ ଦଳ ବିଜେଡି କୌଣସି ସରପଂଚ ପ୍ରାର୍ଥୀଙ୍କୁ ସମର୍ଥନ ଦେଇନାହିଁ । ସରପଂଚ ପଦଟି ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । ଚଳିତ ନିର୍ବାଚନରେ ସରପଂଚ ପଦ ପାଇଁ ଚୋରମୁହାଁ ଗ୍ରାମରୁ ଯୁବ ସଂଗଠକ ପ୍ରଦ୍ୟୁମ୍ନ ମହାନ୍ତି ପ୍ରାର୍ଥୀ ହୋଇଥିବା ବେଳେ ଏହି ଗ୍ରାମରୁ ଛାତ୍ରନେତା କୈସର ଆଜମ ଖାଁ ପ୍ରାର୍ଥୀ ହୋଇଛନ୍ତି । ସେହିପରି ବଡମଙ୍ଗଳପୁର ଗ୍ରାମରୁ ସୁଜାତା ବିଶ୍ୱାଳ ଓ ବବିତା ସାମଲ ଦୁହେଁ ସରପଂଚ ପଦ ପାଇଁ ପ୍ରାର୍ଥି ହୋଇଛନ୍ତି । ଚୋରମୁହାଁ ଗାଁରୁ ଯୁବ ସଂଗଠକ ପ୍ରଦ୍ୟୁମ୍ନ ଓ ଛାତ୍ରନେତା କୈସର ପ୍ରାର୍ଥୀ ହୋଇଥିବା ବେଳେ ପ୍ରଦ୍ୟୁମ୍ନଙ୍କ ପ୍ରତି ଅଧିକ ସମର୍ଥନ ରହୁଥିବା ଦେଖିବାକୁ ମିଳୁଛି । ସେହିପରି ବଡମଙ୍ଗଳପୁର ଗ୍ରାମରୁ ବବିତା ଓ ସୁଜାତା ଉଭୟ ମହିଳା ପ୍ରାର୍ଥୀ ହୋଇଥିବା ବେଳେ ଉଭୟଙ୍କ ପ୍ରତି ଭୋଟରଙ୍କ ସମର୍ଥନ ରହୁଥିବା ଶୁଣିବାକୁ ମିଳିଛି । ତେବେ ଏହି ପଂଚାୟତର ସରପଂଚ ପଦ ପାଇଁ ତ୍ରିମୁଖୀ ଲଢେଇ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ର ପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !




# ପଂଚାୟତ ନିର୍ବାଚନ ପ୍ରଚାର ପାଇଁ ରାଜ୍ୟ ସଭାପତିଙ୍କ ପଶ୍ଚିମାଂଚଳ ଗସ୍ତର ଦ୍ୱିତୀୟ ଦିନ

ରାଉରକେଲା / ସମ୍ବଲପୁର,(ପି.ଏନ): ସୁନ୍ଦରଗଡ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏଠାରେ ଉପଯୁକ୍ତ ଭିତିଭୂମି ଥାଇ ମଧ୍ୟ ଏହାର ଆଶାନୁରୂପ ବିକାଶ ହୋଇପାରୁ ନାହିଁ। ଜିଲ୍ଲାର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତ୍ୟେକ କ୍ଷେତ୍ରକୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲେ ମଧ୍ୟ ଦୀର୍ଘ ୨୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ କରୁଥିବା ବିଜେଡି ତାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁନଥିବାରୁ ଜିଲ୍ଲାର ସର୍ବାଙ୍ଗୀନ ବିକାଶରେ ବାଧକ ସାଜିଛି ବୋଲି ପଂଚାୟତ ନିର୍ବାଚନ ପ୍ରଚାର ପରିପ୍ରେକ୍ଷୀରେ ପଶ୍ଚିମାଂଚଳ ଗସ୍ତରେ ଥିବା ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଆଜି ରାଉରକେଲାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।ଶ୍ରୀ ମହାନ୍ତି ଆହୁରି କହିଛନ୍ତି ଯେ, ଗ୍ରାମାଂଚଳର ଜନସାଧାରଣଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ପାଇଁ ଚତୁର୍ଦ୍ଦଶ ଏବଂ ପଂଚଦଶ ଅର୍ଥ କମିଶନ ଏକ ନୀତି ପ୍ରଣୟନ ହୋଇଥିଲା । ଏହା ବଳରେ ଗ୍ରାମାଂଚଳର ଗରିବଗୁରୁବା, ଶ୍ରମିକ, କୃଷକ, ଖଟିଖିଆ, ଦିନମଜୁରୀଙ୍କ ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଅଭିବୃଦ୍ଧି ହେବା ଲକ୍ଷ୍ୟ ରଖାଯାଇଥିଲା । ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ମଧ୍ୟ କରାଯାଇଛି । ମାତ୍ର ରାଜ୍ୟର ଅପାରଗ ବିଜେଡି ସରକାର ଗ୍ରାମାଂଚଳବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଏହାକୁ ଅଦ୍ୟାବଧି ରାଜ୍ୟରେ କାର୍ଯ୍ୟକାରୀ କଲେ ନାହିଁ। ବରଂ ନିଜ କ୍ଷମତାର ଅପବ୍ୟବହାର କରି ଜେଇମାନଙ୍କୁ ଠିକାଦାର ସଜାଇଲେ। ଗ୍ରାମାଂଚଳରେ ଗ୍ରାମସଭା ଓ ପଲ୍ଲୀସଭାକୁ କରାଇଦେଲେ ନାହିଁ, ଯାହା ଅତ୍ୟନ୍ତ ବିଡମ୍ବନାର ବିଷୟ। ଫଳରେ ଏହାର ସୁବିଧା ପାଇବାରୁ ଗ୍ରାମାଂଚଳ ବାସିନ୍ଦାମାନେ ବଂଚିତ ହେଲେ। ଯଦି ଚତୁର୍ଦ୍ଦଶ ଓ ପଂଚଦଶ ଅର୍ଥ କମିଶନର ଅନୁଦାନ ସଠିକ୍ ଭାବେ ଗ୍ରାମାଂଚଳରେ ବିନିଯୋଗ ହୋଇଥାନ୍ତା, ତେବେ ଗ୍ରାମର ଚିତ୍ର ବଦଳି ଯାଇଥାନ୍ତା ଓ ଗ୍ରାମାଂଚଳ ଆଜି ହସୁଥାନ୍ତା । ଶାସକ ବିଜେଡିର ବିକାଶ ବିରୋଧୀ ଆଭିମୁଖ୍ୟକୁ ଭାରତୀୟ ଜନତା ପାର୍ଟି ଏହାର ତୀବ୍ର ବିରୋଧ କରୁଛି । ସେହିପରି ପଂଚାୟତର ଭିତିଭୂମି ବୃଦ୍ଧିରେ ମଧ୍ୟ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି । ଏହିକ୍ରମରେ ପଂଚାୟତରେ ଆଲୋକ ବ୍ୟବସ୍ଥା, ପାନୀୟ ଜଳ, ଡ୍ରେନ୍ ବ୍ୟବସ୍ଥା, ସଲିଡ ୱେଷ୍ଟ ବ୍ୟବସ୍ଥା, କଲ୍ୟାଣ ମଣ୍ଡପ ଆଦି ନିର୍ମାଣର ଲକ୍ଷ୍ୟ ଥିଲା । କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସ୍ୱାଧୀନତାର ୭୦ ବର୍ଷ ପରେ ମୋଦି କ୍ଷମତାକୁ ଆସିବା ପରେ ୨୦୧୮ ମସିହା ସମସ୍ତଙ୍କୁ ଘରକୁ ସୌଭାଗ୍ୟ ଯୋଜନାରେ ଆଲୋକ ଯୋଗାଇ ଦିଆଯାଇଛି । ଏଲ୍ଇଡି ବଲ୍ବ ଓ ଗ୍ରୀଡ ନିର୍ମାଣ ପାଇଁ ବିଧିବଦ୍ଧ ବ୍ୟବସ୍ଥା କରାଗଲା । ୨୦୨୪ ସୁଦ୍ଧା ଦେଶର ପ୍ରତ୍ୟେକ ଗରିବ ଶ୍ରେଣୀର ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ୨୦୨୨ ସୁଦ୍ଧା ସମସ୍ତଙ୍କ ଗରିବଙ୍କ ପାଇଁ ପକ୍କା ଘର ଯୋଗାଇ ଦେବାକୁ ସୁନିଶ୍ଚିତ କରାଯାଇଛି। ଏଥିସହ କେନ୍ଦ୍ର ସରକାରଙ୍କ ପାଇଖାନା ଯୋଜନାରେ ଆଜି ଗରିବମାନଙ୍କ ଘରେ ଘରେ ୧୨ ହଜାର ଟଙ୍କାରେ ସମସ୍ତଙ୍କୁ ପାଇଖାନା ଯୋଗାଇ ଦିଆଯାଇଥିବା ବେଳେ ଏଥିରେ ବ୍ୟାପକ ଅନିୟମିତତା କରାଯାଇଛି । ଗରିବ ପରିବାରକୁ ଲାଇଟ୍ ଓ ପାନୀୟ ଜଳ ଯୋଗାଇ ଦେବାକୁ ଭାଜପା ଦୃଢ ପ୍ରତିଶ୍ରୁତିବଦ୍ଧ ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮ଲକ୍ଷ ୧୭ ହଜାର ଘର ନିର୍ମାଣ ପାଇଁ ଆସିଥିବା ବେଳେ ସୁନ୍ଦରଗଡ ଜିଲ୍ଲାରେ ଗୋଟିଏ ପକ୍କାଘର ହୋଇପାରି ନାହିଁ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ୨୦୨୨ ସୁଦ୍ଧା କିପରି ସମସ୍ତ ଗରିବ ପରିବାର ପକ୍କା ଘର ପାଇବେ ସେଥିପାଇଁ ଭାଜପା ଅହରହ ଉଦ୍ୟମ କରିବ । ଏକ ରାଜନୈତିକ ଇତିହାସରେ ୩୦ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ବିରୋଧୀ ଦଳର ରାଜ୍ୟ ସଭାପତିଙ୍କ ସମେତ ବିରୋଧୀ ଦଳର ନେତା, ସାଂସଦ, ବିଧାୟକମାନେ ସମ୍ବଲପୁରରେ ଗିରଫ ହୋଇ ରହିଲେ । ଏହା ସତ୍ତ୍ୱେ ଧାନ କିଣାବିକାରେ କୌଣସି ନିଷ୍କର୍ଷ ବାହାରିପାରିଲା ନାହିଁ। ମାତ୍ର କେତେକ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ଯାହା ନାମକୁ ମାତ୍ର ଥିଲା। ସମବାୟ ବିଭାଗ ଓ ଖାଦ୍ୟ ଯୋଗାଣ ବିଭାଗ ମଧ୍ୟରେ ତାଳମେଳ ରହୁନାହିଁ । ଏମାନେ ମଧୁଚନ୍ଦ୍ରିକା କରି ଜିଲ୍ଲାର କୃଷକଙ୍କୁ ଶୋଷଣ କରୁଛନ୍ତି । ତେବେ ଯେଉଁ ଟୋକନ ଦେଉଛନ୍ତି ତାର ଅବଧି ୨୮ ଦିନ । ମେସେଜ ପାଇ ଚାଷୀ ଧାନ ବିକିବାକୁ ଯିବା ବେଳେ ସେମାନଙ୍କୁ ଅଥେନଟିସିଟି ସ୍ଲିପ୍ ଦିଆଯାଉ ନାହିଁ । ଫଳରେ ଚାଷୀ ଅପେକ୍ଷା କରି କରି ସେମାନଙ୍କ ଧାନ ବିକ୍ରି କରିବାର ଅବଧି ସରିଯାଉଛି । ରିଭାଲିଡେଟ୍ କରିବାକୁ ଅଧିକାରୀ ଆସିବେ ଆସିବେ କହୁଛନ୍ତି କିନ୍ତୁ କାହାର ଦେଖାମିଳୁ ନାହିଁ। ଚାଷୀ ବାଧ୍ୟବାଧକତାରେ ମାତ୍ର ୧୦୦୦ରୁ ୧୧୦୦ ଟଙ୍କାରେ ବିକ୍ରି କରୁଛନ୍ତି । ଆହୁରି ମଧ୍ୟ କରୋନା ସମୟରେ କରୋନା ସହାୟତାକୁ ସଠିକ୍ ଭାବେ ହିତାଧିକାରୀଙ୍କ ନିକଟରେ ପହଂଚିଲା ନାହିଁ । ଏ ବାବଦରେ ଅନିୟମିତ ହୋଇଥିବା ଅର୍ଥ କୁଆଡେ ଗଲା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଜନାରେ ମିନିମମ ଫରେଷ୍ଟ ପ୍ରଡକ୍ଟ (ଏମ୍ଏଫ୍ପି)କୁ ୧୫ଟି ଜଙ୍ଗଲଜାତ ଦ୍ରବ୍ୟକୁ ୬୦କୁ ବୃଦ୍ଧି କରିଥିବା ବେଳେ ସୁନ୍ଦରଗଡ ଜିଲ୍ଲାରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇ ନାହିଁ । ଯେତେବେଳେ ଏହା ଏକ ଆଦିବାସୀ ବହୁଳ ଅଂଚଳ ଭାବେ ପରିଚିତ । ଏହାଦ୍ୱାରା ବହୁ ଜିଲ୍ଲାବାସୀମାନେ ବେଶ୍ ଉପକୃତ ହୋଇପାରିଥାନ୍ତେ । ସ୍ୱାଧୀନତାର ୭୦ ପରେ ପ୍ରଥମ ଥର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ବାଚନର ସମୁଦାୟ ଆଲଟମେଂଟଷ୍ଟ ଅର୍ଥର ୨୦ ପ୍ରତିଶତ ସମିତିସଭ୍ୟ ଯାହାକୁ ନୋମିନି କୁହାଯାଉଛି ଓ ଜିଲ୍ଲା ପରିଷଦ ସଭ୍ୟ ୧୦ ପ୍ରତିଶତ ପାଇବାର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।୨୦୧୩ରେ ଶୁଭ ଦିଆଯାଇଥିବା କୋଏଲ ବ୍ୟାରେଜ୍ କାହିଁକି ହେଲା ନାହିଁ, ତାର ଜବାବ ରାଜ୍ୟ ସରକାର ଜନସାଧାରଣଙ୍କୁ ପ୍ରଦାନ କରନ୍ତୁ। ଏଥିସହ କୁଆଁରମୁଣ୍ଡା ଠାରେ ଥିବା କଳକାରଖାନାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଏହାର ସଠିକ୍ ବିନିଯୋଗ ହୋଇପାରିଲେ ଦେଶର ବେକାର ଯୁବ ସମାଜ ଉପକୃତ ହୋଇପାରିବେ । ସେହିଭଳି ଜଳ ସେଚନ ପାଇଁ କେନ୍ଦ୍ର ସରକାରଙ୍କ ବୃହତ ଜଳ ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ପରିମାଣର ସହାୟତା ଯୋଗାଇ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ରାଜ୍ୟ ସରକାର ଜଳ ସେଚନ ପାଇଁ ଆଦୌ ଆନ୍ତରିକତା ଦେଖାଇ ନାହାନ୍ତି । ଦୀର୍ଘ ୨୨ ବର୍ଷ ଶାସନ ମଧ୍ୟରେ ରାଜ୍ୟ ସରକାର ମାତ୍ର ୨୦ ପ୍ରତିଶତ ଜଳ ସେଚନ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଧାୟକ ଶଙ୍କର ଓରାମ ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହ ଏହା କୃଷି ଓ କୃଷକଙ୍କ ବିକାଶ ପ୍ରତି ରାଜ୍ୟ ସରକାରଙ୍କ କେତେ ଦରଦ ତଥା ଆନ୍ତରିକତା ଅଛି ତାହା ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ପାନପୋଷ ସାଙ୍ଗଠନିକ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ ଓ ଜଗବନ୍ଧୁ ବେହେରା, ସମ୍ବଲପୁର ଜୋନାଲ ମିଡିଆ ପ୍ରଭାରୀ ମାନସ ବକ୍ସି, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଉପସ୍ଥିତ ଥିଲେ। ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ସୁନ୍ଦରଗଡ ଜିଲ୍ଲାର ବିଶ୍ରା, ନୂଆଗାଁ, ରାଇବଗା, ବିରମିତ୍ରପୁର ଅଂଚଳ ସମେତ ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ସହ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ । ଏହି ଅବସରରେ ବିଧାୟକ ଶଂକର ଓରାମ, ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

## ରାଜ୍ୟରେ ଆଜି କରୋନାରୁ ୩୧୨୬ ସୁସ୍ଥ ହେଲେ : ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୭୮

ଭୁବନେଶ୍ୱର, ୯।୨(ପି.ଏନ): -ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ୩ହଜାର ୧୨୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୭୮ ଜଣ ଅଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି। ଆଜିର ସୁସ୍ଥ ମାନଙ୍କୁ ମିଶାଇ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୪୮ହଜାର ୧୫୨ରେ ପହଂଚିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଗତ ୨୪ ଘଂଟାରେ ସୁନ୍ଦରଗଡ଼ ଜିଲ୍ଲାରୁ ୩୪୩ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। କଟକରୁ ୩୦୦, ମୟୂରଭଂଜରୁ ୧୪୦, ମୟୂରଭଂଜରୁ ୧୪୦, ସମ୍ବଲପୁରରୁ ୧୩୮, ବାଲେଶ୍ୱରରୁ ୧୦୫, ବଲାଙ୍ଗୀର, ଯାଜପୁରରୁ ୯୭ ଲେଖାଏଁ, ଜଗତସିଂହପୁର ଓ କୋରାପୁଟରୁ ୮୨ ଲେଖାଏଁ କରୋନାରୁ ସୁସ୍ଥ ହୋଇଛନ୍ତି।ସେହିପରି ନବରଂଗପୁରରୁ ୮୧, ବରଗଡ଼ରୁ ୮୦, କଳାହାଣ୍ଡିରୁ ୭୫, ଦେବଗଡ଼ରୁ ୬୯, ନୟାଗଡ଼ରୁ ୬୬, ଗଜପତିରୁ ୬୨, ରାୟଗଡ଼ାରୁ ୫୭, ଭଦ୍ରକ, ନୂଆପଡ଼ାରୁ ୫୫, ଝାରସୁଗୁଡ଼ାରୁ ୫୦, କେନ୍ଦୁଝରରୁ ୪୯, ଗଂଜାମରୁ ୪୫, ପୁରୀରୁ ୪୧, କେନ୍ଦ୍ରାପଡ଼ାରୁ ୪୦, ଢେଙ୍କାନାଳରୁ ୨୯, ମାଲକାନଗିରିରୁ ୨୭, କନ୍ଧମାଳରୁ ୨୧, ବୌଦ୍ଧରୁ ୧୦, ସୁବର୍ଣ୍ଣପୁରରୁ ୮ ଓ ରାଜ୍ୟପୁଲରୁ ୧୪୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ଅର୍ନ୍ତଗତ ବୃହତ ବନ୍ଦର ଓ ଆଇଡବ୍ଲୁଏଆଇ ସମୀକ୍ଷା ବୈଠକ




ପାରାଦୀପ,(ପି.ଏନ):କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିକାଶ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ବୁଧବାର ଦିନ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ଅର୍ନ୍ତଗତ ଅଫ ଡୁଇଙ୍ଗ ବିଜିନେସ୍ ଓ ଅପରେଟିଭ ଏଫିସିଏନ୍ସି ମାଧ୍ୟମରେ ବୈଷୟିକ ଜ୍ଞାନ କୌଶଳକୁ ସୁଗମ କରିବା ପାଇଁ ବହୃତ ବନ୍ଦର ଗୁଡିକ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଗୁଡିକର ବିସ୍ତୃତ ସମୀକ୍ଷା କରିଥିଲେ । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ବିଭାଗୀୟ କେନ୍ଦ୍ର ସଚୀବ ଡ.ସଂଜୀବ ରଂଜନ ଏବଂ ବିଭିନ୍ନ ବୃହତ ବନ୍ଦର ତଥା ଆଇଡବ୍ଲୁଏଆଇ ର ଅଧ୍ୟକ୍ଷ ଓ ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଆତ୍ମନିର୍ଭର ଭାରତ ମିଶନ ଅନ୍ତର୍ଗତ ପ୍ରୋତ୍ସାହନ ଓ ଦକ୍ଷତା ବିକାଶ ମାଧ୍ୟମରେ ଯୁବ ଗୋଷ୍ଠୀକୁ ଆଗକୁ ବଢିବା ଉପରେ ଶ୍ରୀ ସୋନୋୱାଲ୍ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ବିଶ୍ୱ ସ୍ତରୀୟ ଭିତ୍ତିଭୂମି ହାସଲ କରିବା ତଥା ଗତିଶକ୍ତି ଯୋଜନା ଅନ୍ତର୍ଗତ ଭାରତର ଅଭିବୃଦ୍ଧିକୁ ଆଗେଇ ନେବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅବସରରେ ପାରାଦୀପ ବନ୍ଦର ପି.ଏଲ୍.ହାରନାଦ ଗତିଶକ୍ତି ଯୋଜନା ଅନ୍ତର୍ଗତ ଦ୍ୱିତୀୟ ପ୍ରସ୍ଥାନ ଫ୍ଲାଏ ଓଭର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହି ୨.୪କିଲୋମିଟର ଲମ୍ବ ତଥା ୪ଲେନ୍ ଚଉଡା ବିଶିଷ୍ଟ ବକଳ୍ପ ପ୍ରବେଶ ଓ ପ୍ରସ୍ଥାନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ୯୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଆଇପିଆରସିଏଲ୍ ମାଧ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ବନ୍ଦରର ଭବିଷ୍ୟତ ଓ ବିକାଶ ନିମନ୍ତେ ୬,୬୦୦କୋଟି ଟଙ୍କା ବ୍ୟୟ ଅଟକଳର ବହୁବିଧ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ସୁଗମ ବ୍ୟବସାୟ ଅଧିନରେ ବନ୍ଦରରେ ପିସିଏସ୍-୧ଏକ୍ସ ବ୍ୟବସ୍ଥା ଲାଗୁ କରାଯାଇଛି । ବନ୍ଦରର କାର୍ଯ୍ୟକ୍ଷମତା ଅଭିବୃଦ୍ଧି ପାଇଁ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ଉପରେ ଶ୍ରୀ ହାରନାଦ୍ ଗୁରୁତ୍ୱ ଆଲୋକପାତ କରିଥିଲେ। ବୃହତ୍ତ ବନ୍ଦର ମଧ୍ୟରେ ଏକ ନମ୍ବର ସ୍ଥାନ ହାସଲ କରିବା ପାଇଁ ଏବଂ ୨୦୪୭ ମସିହା ସୁଦ୍ଧା ଅଧ ବିଲିୟନ ଦକ୍ଷତା ସମ୍ପନ୍ନ ବନ୍ଦରରେ ରୂପାନ୍ତରିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହାରନାଦ ପ୍ରକାଶ କରିଥିଲେ।

## "ଦକ୍ଷିଣ ଏସିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗ୍ରାମୀଣ ବିକାଶ–ଧାରଣା ଓ ବାସ୍ତବତା" ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ପି.ଏନ): ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀଙ୍କ ଉପସ୍ଥିତିରେ ଲୋକସମ୍ପର୍କ ଅଧିକାରୀ ଡଃ. ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ଲିଖିତ " ଦକ୍ଷିଣ ଏସିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗ୍ରାମୀଣ ବିକାଶ-ଅବଧାରଣା ଓ ବାସ୍ତବତା " ଶୀର୍ଷକ ପୁସ୍ତକର ଶୁଭ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକ ବିଶ୍ୱସ୍ତରର ଅଗ୍ରଣୀ ପ୍ରକାଶନ ସଂସ୍ଥା ସ୍ପିଞ୍ଜର ନେଚର ଦ୍ୱାରା ପ୍ରକାଶିତ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଏହି ପୁସ୍ତକର ଇ-ଭର୍ସନକୁ ମଧ୍ୟ ଲୋକାର୍ପଣ କରିଛନ୍ତି । ଏହି ପୁସ୍ତକ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଭୂମିକା ବିଷୟରେ ଏକ ନିରପେକ୍ଷ ଓ ବାସ୍ତବବାଦୀ ମୂଲ୍ୟାୟନ ।୨୨୮ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକଟି ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଗଠନ, କାର୍ଯ୍ୟ ଦକ୍ଷତା , ସାମାଜିକ ଆସ୍ଥାଭାଜନତା, ସରକାରୀ-ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ, ସାଂପ୍ରତିକ ସ୍ଥିତି, ଭବିଷ୍ୟତ ପାଇଁ ଆହ୍ୱାନ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ଆଦି ବିଷୟରେ ଏକ ଉଚ୍ଚମାନର ବୈଜ୍ଞାନିକ ଅନୁଶୀଳନ। ଏହି ଅବସରରେ ଲେଖକ ଡଃ. ମହାପାତ୍ର କହିଛନ୍ତି ଯେ, ସ୍ପ୍ରିଞ୍ଜର ପ୍ରକାଶନ ସଂସ୍ଥାର ବିଶେଷଜ୍ଞମାନେ ପାଣ୍ଡୁଲିପିକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ଏହାକୁ ଏକ " ବିଶ୍ୱସ୍ତରୀୟ ଉତ୍କର୍ଷ ଓ ମୌଳିକ ଅନୁଶୀଳନର " ମାନ୍ୟତା ଦେଇଛନ୍ତି । ଏହା ବ୍ୟତୀତ ଆମେରିକାସ୍ଥିତ କାର୍ଲଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଏମେରିଟସ୍ ପ୍ରଫେସର ଟି.ଏନ୍. ପାଣ୍ଡେ, ଋଷିଆସ୍ଥିତ ସେଣ୍ଟ ପିଟର୍ସବର୍ଗ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ଇରିନା ଏଲ୍. ପେରୋଭା, ଯୁକ୍ତରାଷ୍ଟ୍ରସ୍ଥିତ ୟୁନିଭରସିଟି ଅଫ୍ କ୍ରିଏଟିଭ୍ ଆର୍ଟର ଏମ୍.ବି.ଏ ବିଭାଗ ନିର୍ଦ୍ଦେଶକ ପ୍ରଫେସର ବି.ଏନ୍.ନାୟକ, ଲକ୍ଷ୍ନୌ ବିଶ୍ୱ ବିଦ୍ୟାଳୟର ପ୍ରଫେସର ତଥା ଭାରତୀୟ ସମାଜତତ୍ତ୍ୱ ସୋସାଇଟିର ପ୍ରାକ୍ତନ ସଚିବ ଡଃ ଦିପ୍ତୀ ରଞ୍ଜନ ସାହୁ, ପଣ୍ଡିଚେରୀ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ ବି.ବି.ମହାନ୍ତି, ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ ନବନୀତା ରଥ, ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଓ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ଅସିତ୍ ତ୍ରିପାଠୀ, କିଟ୍ ଏବଂ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ଅନ୍ୟ ପ୍ରମୁଖ ଶିକ୍ଷାବିତ୍ମାନେ ଏହି ପୁସ୍ତକର ଉଚ୍ଚ ପ୍ରଶଂସା କରିଛନ୍ତି । ପୁସ୍ତକଟି ଗବେଷକ, ଛାତ୍ରଛାତ୍ରୀ, ନୀତି ନିର୍ଦ୍ଧାରକ, କାର୍ଯ୍ୟନିର୍ବାହୀ ବ୍ୟବସ୍ଥା, ବେସରକାରୀ ଅନୁଷ୍ଠାନ ଏବଂ ଜନ-ସହଭାଗିତା ଭିତ୍ତିକ ସାମଗ୍ରିକ ବିକାଶ ଉପରେ ବିଶ୍ୱାସ ରଖିଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କ ପାଇଁ ବିଶେଷ ଉପାଦେୟ ହେବ। ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ନିମନ୍ତେ ଏହି ପୁସ୍ତକ ଗୁଗୁଲ ବୁକ୍ସ, ସ୍ପ୍ରିଜର.କମ, ଆମାଜନ, ଗୁଗୁଲ ପ୍ଲେ ଷ୍ଟୋର, ବୁକ୍ଟପିକା. କମ୍ ଏବଂ ବ୍ଲାକ୍ୱେଲ୍.କୋ.ୟୁକେ ଆଦି ଅନ୍ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ଉପଲବ୍ଧ।

## ବିଜେଡ଼ି ନେତାଙ୍କ ଆଚରଣ ଅଶୋଭନୀୟ : ସଂସଦ ଭବନର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି ପ୍ରଧାନମନ୍ତ୍ରୀ : କଂଗ୍ରେସ

ଭୁବନେଶ୍ୱର ,(୯.୨) ପି.ଏନ : ଆଦିବାସୀ ଅଧ୍ୟୁସିତ କୋରାପୁଟ ଜିଲ୍ଲାର ଜୟପୁର ଠାରେ ବିଜେଡ଼ି ଦଳର ନିର୍ବାଚନୀ ପ୍ରଚାରରେ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ପ୍ରସଙ୍ଗ ଓ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଂଗ୍ରେସ ପ୍ରତି ବିବାଦୀୟ ଟିପ୍ପଣୀ ଉପରେ ଉଭୟ ବିଜେଡ଼ି ଓ ବିଜେପି ଉପରେ କଡ଼ାଟାର୍ଗେଟ କଲା କଂଗ୍ରେସ। ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନିର୍ବାଚନ ମିଡିଆ ଇନଚାର୍ଜ ତଥା ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ମନୋଜ ମହାପାତ୍ର କହିଲେ ଯେ ଜୟପୁରର ପୂର୍ବତନ ବିଧାୟକ ତଥା ଦୁର୍ନୀତି ଅଭିଯୋଗରେ ତଡ଼ାଖାଇଥିବା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏକ ନିର୍ବାଚନୀ ସଭାରେ ଭାଷଣ ଦେଉଥିବା ଏକ ଭିଡିଓ ଆମର ହସ୍ତଗତ ହୋଇଛି। ନନ୍ଦ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମନ୍ଦିର ଯାଇ ପୂଜା କରିଛନ୍ତି, ପୂଜାପରେ ଏ ଆଜ୍ଞାମାଳ ଆଣିଛନ୍ତି ଓ ଏହି ଆଜ୍ଞାମାଳ ଏଇଠିକି ପଠାଇଛନ୍ତି। ଉପସ୍ଥିତ ଜନସାଧାରଣ ଏ ଆଜ୍ଞାମାଳ ଛୁଇଁ ଶପଥ କରି କୁହ ବିଜେଡ଼ି ଦଳକୁ ଭୋଟ ଦବ। ଆମେ ଜାଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ୨୦୧୧ ଜନଗଣନାରେ କହିଥିଲେ ସେ ଓଡ଼ିଆ ଜାତିର ଜଣେ ସାଧାରଣ ମଣିଷ। ମାନବ ସେବା ତାଙ୍କ ଧର୍ମ। ଧର୍ମନିରପେକ୍ଷ ନେତା ଭାବେ ସାରା ଭାରତ ବର୍ଷରେ ଖ୍ୟାତି ଅର୍ଜ୍ଜନ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆଙ୍କର ଆରାଧ୍ୟ ଦେବତା ଜଗନ୍ନାଥଙ୍କର ଭକ୍ତ ହେଇପାରନ୍ତି, କିନ୍ତୁ ସେ କେବେବି ଧର୍ମାନ୍ଧ ନୁହନ୍ତି। ତାଙ୍କ ନାମ ନେଇ ଜଗନ୍ନାଥଙ୍କର ଦ୍ୱାହୀ ଦେଇ ଧର୍ମୀୟ ଭାବନାର କୁଠାରଘାତ କରି ସରଳ ଆଦିବାସୀଙ୍କ ପାଖରେ ମିଛତଥ୍ୟ ଉପସ୍ଥାପନା କରିଥିବା ଶ୍ରୀ ନନ୍ଦଙ୍କ ବିରୋଧରେ ଫୌଜଦାରୀ ମୋକଦମା କରିବା ସହ ତାଙ୍କୁ ଗିରଫ କରାଯାଉ। ବିଜୁ ଜନତାଦଳ ଏହାର ସ୍ପଷ୍ଟିକରଣ =ଦେବାସହ ମୁଖ୍ୟମନ୍ତ୍ରୀଙ୍କ ନାମ ନେଇ ମିଥ୍ୟା ପ୍ରଚାର କରିଥିବା ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅପମାନସୂଚକ ଭାବେ ତୁ ତଡ଼ାକ ଭଳି ଶବ୍ଦ ପ୍ରୟୋଗ କରି ଅସମ୍ମାନ କରିଥିବା ଏହି ବିଜେଡ଼ି ନେତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ମହାପାତ୍ର। ପୁନଶ୍ଚ ଆଜିର ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଚାଲିଛି। କେନ୍ଦ୍ର ବିଜେପି ସରକାରର ଜନବିରୋଧି ନୀତି ଯୋଗୁ ବିଜେପି ଦଳ ପ୍ରତି ଲୋକଙ୍କର ବିତସ୍ପୃହ ମନୋଭାବ। ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଆଉ ଭିଡ଼ ଦେଖିବାକୁ ମିଳୁନାହିଁ। ଅତୀତରେ ବିଜେପି ଓ ପ୍ରଧାନମନ୍ତ୍ରୀ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ ହୋଇ ନାହିଁ। ସବୁବେଳେ ମିଛି ପ୍ରଲୋଭନ ଓ ପ୍ରତିଶ୍ରୁତି ଦେଖାଇ ନିର୍ବାଚନୀର ବିଜୟ ହେବାର କୁଟୀଳ କୌଶଳ ଯୋଗୁଁ ଲୋକ ପ୍ରଧାନମନ୍ତ୍ରୀଙ୍କର ସଭାକୁ ଆଉ ଯାଉନାହାନ୍ତି। ଯେଉଁଥିପାଇଁ ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର କୁହାଯାଉଥିବା ଲୋକସଭା ଓ ରାଜ୍ୟସଭାରେ ମୋଦି କେବଳ ନିର୍ବାଚନୀ ଭାଷଣ ଦେଇଛନ୍ତି। କଂଗ୍ରେସ ବିରୋଧରେ ବିଷୋଦଗାର କରିଛନ୍ତି। ନିଜର ପଦମର୍ଯ୍ୟାଦାର ଉଲ୍ଲଙ୍ଘନ କରିଛନ୍ତି। କେନ୍ଦ୍ର ସରକାରର ମୁଖ୍ୟ ଭାବେ ଦେଶ ଓ ଦେଶବାସୀଙ୍କର ଉନ୍ନତି ପାଇଁ ସରକାରଙ୍କର ବ୍ଲୁପ୍ରିଂଟ କହିବା ପରିବର୍ତେ କେବଳ ବିରୋଧିକୁ ଆପେକ୍ଷ କରିବା ଗଣତନ୍ତ୍ର ପ୍ରତି ଅପମାନ। ମୋଦି ପଚାରିଛନ୍ତି କଂଗ୍ରେସ ନଥିଲେ କ'ଣ ହେଇଥାନ୍ତା, ଆମେ ଗୋଟିଏ ବାକ୍ୟରେ କହୁଛୁ କଂଗ୍ରେସ ନଥିଲେ ଦେଶ ସ୍ୱାଧୀନ ହୋଇନଥାନ୍ତା, ଗଣତନ୍ତ୍ର ପ୍ରତିଷ୍ଠା ହୋଇନଥାନ୍ତା, ପାର୍ଲ୍ୟାମେଂଟ ନଥାନ୍ତା କି ମୋଦି ପ୍ରଧାନମନ୍ତ୍ରୀ ମଧ୍ୟ ହୋଇନଥାନ୍ତେ। ପୁନଶ୍ଚ ବିଜେଡ଼ି ଓ ବିଜେପି ସମ୍ପର୍କ ଅତି ନିବିଡ଼। ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। କିନ୍ତୁ ସାଢ଼େ ଚାରିକୋଟି ଓଡ଼ିଆଙ୍କର ନାର୍ଯ୍ୟଦାବି ଓ ଅଧିକାର ଦେବାରେ ବିଜେପି ସରକାର ବିଫଳ। କେବଳ ପ୍ରଶଂସଂ କରିଲେ ଚଳିବ ନାହିଁ ଓଡ଼ିଆଙ୍କୁ ତାଙ୍କର ଅଧିକାର ଦିଆଯାଉ ବୋଲି ଦାବିକରି ୧୦ଟି ପ୍ରଶ୍ନ ପଚାରିଛି କଂଗ୍ରେସ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK






## ପୁଲିଂ ପାର୍ଟିଙ୍କୁ ନିର୍ବାଚନର ଦୁଇଦିନ ପୂର୍ବରୁ ବୁଥକୁ ପଠାଇବାକୁ ଦାବି

କେନ୍ଦୁଝର,(ପି.ଏନ): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରାକ୍ ପ୍ରସ୍ତୁତି ସମୟ ଆଉ ଗୋଟିଏ ଦିନ ବୃଦ୍ଧି କରିବା ଲାଗି ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଦାବି କରିଛି। ପୂର୍ବ ଅଭିଜ୍ଞତା ଅନୁଯାୟୀ ଯେଉଁଦିନ ନିର୍ବାଚନ କାର୍ଯ୍ୟ ପାଇଁ କର୍ମଚାରୀମାନେ ଯୋଗ ଦେଇଥାଆନ୍ତି ,ସେହିଦିନ ବ୍ଲକଠାରୁ ସମସ୍ତ ଜିନିଷପତ୍ର ତନଖି କରି ବୁଥ୍‌କୁ ଯିବାବେଳେ ପ୍ରାୟ ସନ୍ଧ୍ୟା ହୋଇଯାଇଥାଏ। ପୁଲିଂ ବୁଥ୍ ନିହାତି ଅଜଣା ସ୍ଥାନ ହୋଇଥିବାରୁ ପୁଲିଂପାର୍ଟିମାନଙ୍କୁ ପ୍ରଥମେ ନିର୍ବାଚନ ସମ୍ବନ୍ଧୀୟ ଜିନିଷପତ୍ର ସୁରକ୍ଷିତ ରଖିବା,ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ଓ ବିଶ୍ରାମ ନେବାର ବ୍ୟବସ୍ଥା କରିଥାଆନ୍ତି। ପରିଦିନ ନିର୍ବାଚନ ସମ୍ବନ୍ଧୀୟ ପ୍ରାକ କାଗଜପତ୍ର ପ୍ରସ୍ତୁତି,ବୁଥ ସଜ୍ଜିକରଣ କାର୍ଯ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତି ଓ ତା ପରଦିନ ଭୋର ସମୟରେ ଉଠି ନିର୍ବାଚନ ଚୂଡାନ୍ତ ପ୍ରସ୍ତୁତି କରି ଭୋଟଗ୍ରହଣ କରନ୍ତି। ତ୍ରିସ୍ତରୀୟ ପଞ୍ଚାୟ ନିର୍ବାଚନ ଅତ୍ୟନ୍ତ ସ୍ପର୍ଶକାତର ଓ କଷ୍ଟକର ସମସ୍ୟାଗୁଡିକ ଦେଖାଦେଇଥାଏ। ଯଦି ତରବରିଆଭାବେ ଚାପଗ୍ରସ୍ତ ହୋଇ କୌଣସି କାର୍ଯ୍ୟ କରାଯାଏ ତେବେ ବିଭିନ୍ନ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଗାମୀ ୧୬ ତାରିଖଠାରୁ ରାଜ୍ୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ଆବଶ୍ୟକୀୟ ତାଲିମ ଶେଷ ହୋଇଛି। ନିର୍ବାଚନ କାର୍ଯ୍ୟ ଲାଗି ନିୟୋଜିତ କର୍ମଚାରୀମାନଙ୍କୁ ଅନେକ ଦୂରରେ ଅବସ୍ଥିତ ନିର୍ବାଚନ କେନ୍ଦ୍ରକୁ ପୂର୍ବଦିନ ପହଞ୍ଚିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପରିତାପର ବିଷୟ କେନ୍ଦୁଝର ଜିଲ୍ଲାର ଭୌଗଳିକ ପରିବ୍ୟାପ୍ତି ଦୃଷ୍ଟିରୁ ଜଣେ କର୍ମଚାରୀ ଯୋଡା,ଚମ୍ପୁଆ ଭଳି ବ୍ଲକରୁ ଆସି ଆନନ୍ଦପୁର,ହାଟଡିହି ଭଳି ବ୍ଲକରେ ପୂର୍ବାହ୍ନ ୭ ଘଟିକା ସୁଦ୍ଧା ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍‌ବ୍ୟତୀତ ପୂର୍ବଦିନ ନିର୍ଦ୍ଧାରିତ ବ୍ଲକରେ ପହଞ୍ଚି ଆବଶ୍ୟକୀୟ ନିର୍ବାଚନୀ ଉପକରଣ ସଂଗ୍ରହ କରି ସମସ୍ତ ପୋଲିଂ ପାର୍ଟିକୁ ଏକତ୍ର କରି ନିର୍ବାଚନ କେନ୍ଦ୍ରରେ ପହଞ୍ଚିବା କଷ୍ଟସାଧ୍ୟ ଅଟେ। ପୂର୍ବଦିନ ନିର୍ବାଚନ କେନ୍ଦ୍ରରେ ଅନେକ କାର୍ଯ୍ୟ କରିବାକୁ ପଡିଥାଏ। ଏହିସବୁ ଦୃଷ୍ଟିରୁ ନିର୍ବାଚନରେ ନିୟୋଜିତ କର୍ମଚାରୀମାନଙ୍କ ଡ୍ୟୁଟି ରିପୋର୍ଟ ତାରିଖକୁ ଆଉଗୋଟେ ଦିନ ପୂର୍ବରୁ ଧାର୍ଯ୍ୟ କରିବାକୁ ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ଦାବି କରାଯାଇଛି। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଓଷ୍ଟା ପ୍ରତିନିଧିମଣ୍ଡଳୀରେ ଜିଲ୍ଲା ସଭାପତି ରଘୁନାଥ ବେହେରା ଓ ଜିଲ୍ଲା ସଂପାଦକ ପ୍ରଶାନ୍ତ କୁମାର ମିଶ୍ର,ରାଜ୍ୟ ସମ୍ପାଦକ କାହ୍ନୁଚରଣ ସାମଲ,କାର୍ଯ୍ୟକାରୀ ସମ୍ପାଦକ ଭିକାରୀ ଚରଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର , (ପି.ଏନ): ଓଡ଼ିଶାର ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ୧୧୪ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ବିଭାଗୀୟ ସମ୍ମିଳନୀ କକ୍ଷରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଓଡ଼ିଶାର ପ୍ରାକ୍ ସ୍ୱାଧୀନତା କାଳରେ ରାଜତନ୍ତ୍ର ବିରୋଧୀ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ଥିଲେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ । ସେ ନିଜର ଅପୂର୍ବ ତ୍ୟାଗ, ସାହସିକତା ଓ ନିଷ୍ଠା ବଳରେ ଜନସାଧାରଣଙ୍କ ପାଖରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ତାଳଚେରରେ ଜନ୍ମିତ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଗଡ଼ଜାତ ମିଶ୍ରଣ ପରେ ସକ୍ରିୟ ରାଜନୀତିରେ ଯୋଗଦେଇ ବିଭିନ୍ନ ସମୟରେ ମନ୍ତ୍ରୀପଦରେ ଅଧିଷ୍ଠିତ ହେବା ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ ।

## ଉତ୍ତରପ୍ରତାପ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ଠାରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ସୁଧାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ୧୫ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ଓ ସମର୍ଥୀତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି ସଭାରେ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାଗ୍ୟଧର ସେଠୀ, ସରପଞ୍ଚ ପ୍ରାର୍ଥୀ ନିମାଇଁ ମଲିକ, ସମିତିସଭ୍ୟା ପ୍ରାର୍ଥୀନୀ କ୍ଷିରାବ୍ଧି ତନୟା ମଲିକ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ, ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ସମିତିସଭ୍ୟ ଜଳଧର ସାହୁ, ଜିଲ୍ଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ବରିଷ୍ଠ ନେତା ଅମରେନ୍ଦ୍ର ରାୟ, ଯୁବନେତା ଗୌତମ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ରୁ ଉର୍ଦ୍ଧ୍ୱ କଂଗ୍ରେସ ଏବଂ ବିଜେପି କର୍ମୀ ବିଧିବଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଦଳରେ ସାମିଲ ହୋଇଥିବା ନବାଗତ କର୍ମୀମାନଙ୍କୁ ବିଧାୟକ ଶ୍ରୀ ବଳବନ୍ତରାୟ ପୁଷ୍ପଗୁଚ୍ଛ ଓ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।

## ବଡ ଖବର ସାଟେଲାଇଟ ଚ୍ୟାନେଲ ପକ୍ଷରୁ ବଡ଼ ଖବର ଦିବସ ପାଳିତ



ଫୁଲବାଣୀ,(ପି.ଏନ): ଫୁଲବାଣୀର ଗାନ୍ଧୀ ସ୍ମୃତି ଭବନ ଠାରେ ସାଟେଲାଇଟ ଟିଭି ନିଉଜ ଚ୍ୟାନେଲ ବଡ଼ ଖବର ପକ୍ଷରୁ ବଡ଼ ଖବର ଦିବସ ପାଳିତ ହୋଇଥିଲା ।ଏହି ଅବସରରେ ବଡ଼ ଖବର ସଂପାଦକ ତଥା ବରୀଷ୍ଠ ସାମ୍ବାଦିକ ଅର୍ଦ୍ଧନ୍ଦୁ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକ ମାନେ ନିର୍ଭିକତାର ସହ ସତ୍ୟ ଓ ନିରପେକ୍ଷ ସମ୍ବାଦ ପ୍ରକାଶ କଲେ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ରାଜ୍ୟରେ ଥିବା ଅନେକ ବଡ଼ ଓ ପୁରୁଣା ଟିଭି ଚ୍ୟାନେଲ ଓ ସମ୍ବାଦପତ୍ର ଗୁଡ଼ିକ ଧନୀ ଓ ପୁଞ୍ଜିପତି ଓ ଶିଳ୍ପପତିମାନେ ପ୍ରତିଷ୍ଠା କରିଥିବାରୁ ସେମାନେ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ନିମନ୍ତେ ରାଜନୈତିକ ଦଳର ଛତ୍ରଛାୟାରେ ରହିବା ଫଳରେ ନିରପେକ୍ଷ ଓ ସତ୍ୟ ଖବର ପ୍ରକାଶ ହୋଇପାରୁନି। କିନ୍ତୁ ବଡ଼ ଖବର ଟିଭି ଚ୍ୟାନେଲ ଲୋକଙ୍କ ଚ୍ୟାନେଲ ଓ ଲୋକମାନଙ୍କ ସାମୁହିକ ସ୍ୱାର୍ଥ ପାଇଁ କାମ କରୁଛି ବୋଲି କହିଥିଲେ । ଏଣୁ ଲୋକମାନଙ୍କ ସାହାଯ୍ୟ ସହଯୋଗ ଓ ଭଲ ପାଇବା ଦ୍ୱାରା ଏହି ଚ୍ୟାନେଲ ଚ୍ୟାଲିଛି ବୋଲି କହିଥିଲେ ଓ ଆଗକୁ ସହଯୋଗ କରିବାଲାଗି କହିଥିଲେ । ସମାଜ ସେବୀ ତଥା ପ୍ରେସକ୍ଲବ କାର୍ଯ୍ୟକାରି ସଭାପତି ଅଶୋକ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତା ଭାବେ ବରୀଷ୍ଠ ସାମ୍ବାଦିକ ଡଃ ଅରୁପ କୁମାର ଜେନା ବଡ଼ ଖବର କୌଣସି ପରିସ୍ଥିତିରେ ସାଲିସନ କରି ସର୍ବଦା ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶ କରୁଥିବାରୁ ଏହି ଚ୍ୟାନେଲକୁ ସହଯୋଗ କରିବାକୁ କହିଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ କମାନଡେଣ୍ଟ ନବୀନ କିଶୋର ପଣ୍ଡା, ପ୍ରେସ କ୍ଲବ ଉପସଭାପତି ତଥା ବରିଷ୍ଠ ଆଇନଜିବୀ କନ୍ଧମାଳର ବହୁ ସମସ୍ୟା ସମାଧାନ କରିବାକୁ ସ୍ୱର ଉଠେଇବାକୁ ପଡିବ ବୋଲି କହିବା ସହିତ ଜ ପର୍ଯ୍ୟନ୍ତ ବଡ଼ ଖବର ତାର ଲକ୍ଷ ଉଦେଶ୍ୟ ବଜାୟ ରଖିଥିବ ସେ ପର୍ଯ୍ୟନ୍ତ ପ୍ରତି ମାସରେ କିଛି ଅର୍ଥ ରାଶି ସହଯୋଗ କରିବେ ବୋଲି ଶ୍ରମିକ ନେତା ସତ୍ୟ ନାରାୟଣ ବେହେରା କହି ଥିଲେ। ଆଇନଜିବି ବିଜୟ କୃଷ୍ଣ ପଟ୍ଟନାୟକ ସମାଜ ସୁଧାରିବା ପାଇଁ ଗଣ ମାଧ୍ୟମର ଭୂମିକା ଆଇନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।, କର୍ମଚ୍ୟାରୀ ନେତା ତଥା ଆଇନଜୀବୀ ବ୍ରଜ ପଟ୍ଟନାୟକ, ପ୍ରେସ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ଥିଲେ । ଏହି ଅବସରରେ ବରୀଷ୍ଠ ସାମ୍ବାଦିକ ସନ୍ତୋଷ ଡିଗଲ ଓ ରାଧାମୋହନ ମହାପାତ୍ର ବଡ଼ ଖବର ସଂପାଦକଙ୍କୁ ଫୁଲ ତୋଡା ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।ସେହିପରି ବଡ଼ ଖବର ପକ୍ଷରୁ ଜିଲ୍ଲାର ବରୀଷ୍ଠ ତଥା ବୟୋଜ୍ୟେଷ୍ଠ ସାମ୍ବାଦିକ ମହମଦନାଜିର ଅଖତାର, ଡ. ଅରୁପ ଜେନା, ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ,ନାରାୟଣ ସାହୁ, ସନ୍ତୋଷ ଡିଗଲ, ବ୍ରଜବିହାରୀ ନନ୍ଦ, ଶିବାନନ୍ଦ ପଟ୍ଟନାୟକ, ଅଶୋକ ପରୀଡ଼ା. ରବୀନ୍ଦ୍ରନାଥ ମିଶ୍ର,ଡଃ ନୃସିଂହ ମହାପାତ୍ର ପ୍ରମୁଖଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର , ଉପଢୌକନ, ଓ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ସେହିପରି ସମାଜ ସେବା ପାଇଁ ଟିମ ହ୍ୟୁମାନିଟି ଓ ପଶୁମାନଙ୍କ ସେବା କରୁଥିବା ଏକ ସଂଗଠନକୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ।ବଡ଼ ଖବର ତୁମୁଡିବନ୍ଧ ପ୍ରତିନିଧି ପବୀତ୍ର ଡିଗଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଶୋକ ମହାନ୍ତି ଅତିଥି ପରିଚ୍ୟ ପ୍ରଦାନ କରିଥିଲେ ।ଏହି ଉତ୍ସବରେ ବହୁ ବୁଦ୍ଧିଜିବୀ .ସାହିତ୍ୟିକ, ସମାଜ ସେବୀ, ମହିଳା, ସାମ୍ବାଦିକ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ରମେଶ ଚ୍ନ୍ଦ୍ର ପ୍ରଧାନ, ସୂର୍ଯ୍ୟ ନାରାୟଣ ବେହେରା ଓ ବଡ଼ ଖବର ବ୍ଲକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲା ପ୍ରତିନିଧି ବାପି ପଟନାୟକ କାର୍ଯ୍ୟକ୍ରମକୁ ସୁପରିଚ୍ଳାନା କରିଥିଲେ।

## ଅଭୟପୁର ସରପଞ୍ଚ ପ୍ରାର୍ଥିନୀଙ୍କ ପ୍ରଚାର

ଧର୍ମଶାଳା,(ପି.ଏନ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଅଭୟପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ନିର୍ମଳା ବିଶ୍ୱାଳ ସୀମିତ ସମର୍ଥକଙ୍କୁ ସାଙ୍ଗରେ ନେଇ ପ୍ରଚାରକୁ ଜୋରଦାର କରିଛନ୍ତି । ଏଥିରେ କେତେକ ମହିଳା ସାମିଲ୍ ହେଉଥିବା ଦେଖିବାକୁ ମିଳିଛି । ସେ ଅଭୟପୁର ପଞ୍ଚାୟତର ଅଚ୍ୟୁତପୁର, ନୀଳାଦେଈପୁର, ଦିଗମ୍ବରପୁର, ସେବତୀପୁର, ରତନପୁର, ଅଭୟପୁର ଓ ମଙ୍ଗରାଜପୁର ଗ୍ରାମରେ ପହଞ୍ଚି ଭୋଟ୍ ଭିକ୍ଷା କରୁଛନ୍ତି । ଘର ଘର ବୁଲି ଭୋଟରଙ୍କୁ ଦେଖାକରିବା ସହିତ ପଞ୍ଚାୟତର ବିକାଶ ପାଇଁ ତାଙ୍କୁ ମାଛ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବାକୁ ନିବେଦନ କରୁଛନ୍ତି । ପଞ୍ଚାୟତରେ ଥିବା ୧୪ଟି ୱାର୍ଡ଼ର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି । ନିର୍ମଳାଙ୍କ ସ୍ୱାମୀ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଅକ୍ଷୟ କୁମାର ବିଶ୍ୱାଳ ତାଙ୍କୁ ପ୍ରଚାର ଆଦି ସମସ୍ତ କାର୍ଯ୍ୟରେ ସହଯୋଗ କରୁଥିବା ବେଳେ ସେ ସମସ୍ତଙ୍କୁ ସାଙ୍ଗରେ ନେଇ ନିର୍ବାଚନୀ ବୈତରଣୀ ପାର୍ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି । ବିଭିନ୍ନ ଦିବସରେ ତାଙ୍କ ସହିତ ସମର୍ଥକ ତାପସ ଲେଙ୍କା, ସୀତାନାଥ ସ୍ୱାଇଁ, ସରୋଜ ଲେଙ୍କା, ବିଜୟ ଖଟୁଆ, ସୁବାସ ସାହୁ, ଗୌରାଙ୍ଗ ରାଉତ, ତ୍ରିଲୋଚନ ରାଉତ, ପୀତବାସ ସେଠୀ, ଅନନ୍ତ ନାୟକ, ସୁଶାନ୍ତ ପରିଡ଼ା, ଶ୍ରୀନିବାସ ରାଉତ, ସଂଜୟ ମହାନ୍ତି ପ୍ରମୁଖ ବହୁ ଭୋଟର ପ୍ରଚାରରେ ସାମିଲ ହେଉଛନ୍ତି ।

## କନ୍ଧମାଳରେ ସାଂସଦଙ୍କ ପ୍ରବଳ ପ୍ରଚ୍ଚାର



ଫୁଲବାଣୀ: କନ୍ଧମାଳ ଜିଲ୍ଲାର ବିଭିନ୍ନ ଜିଲ୍ଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଧୂଆଁଧାର ପ୍ରଚ୍ଚାର କରୁଥିବା ଦେଖିବାକୁ ମିଳିଛି । ବିଭିନ୍ନ ଜିଲ୍ଲା ପରିଷଦ ଜୋନରେ ଶ୍ରୀ ସାମନ୍ତଙ୍କ ପ୍ରଚ୍ଚାର ସମୟରେ ବିପୁଳ ଜନ ସମର୍ଥନ ପରିଲକ୍ଷିତ ହେଉଛି । ଆଜି ଶ୍ରୀ ସାମନ୍ତ ବାଲିଗୁଡା ବ୍ଲକ୍ ୧୬ ନମ୍ବର ଜୋନ୍‌ର ବିଜେଡି ପ୍ରାର୍ଥୀ ଆଶିଷ ଦିଗଲ ଓ କେ ନୂଆଗାଁ ବ୍ଲକ୍‌ର ୧ ନମ୍ବର ଜିଲ୍ଲା ପରିଷଦ ଜୋନ୍ ?ର ପ୍ରାର୍ଥିନୀ ଅନିତା ମଲ୍ଲିକଙ୍କ ପାଇଁ ନିର୍ବାଚ୍ନ ପ୍ରଚ୍ଚାରରେ ଆସି ସ୍ଥାନୀୟ ବିଜେଡି ଦଳୀୟ କର୍ମୀ ସମ୍ମିଳନୀରେ ଯୋଗଦେବା ସହ ନିର୍ବାଚ୍ନ ନେଇ ଆଲୋଚ୍ନା କରିଥିଲେ । ଏହି ଅବସରରେ ବିଜେଡି ପ୍ରାର୍ଥିନୀ ଶ୍ରୀମତୀ ଅନିତା ମଲ୍ଲିକ ଓ ଆଶିଷ ଦିଗଲଙ୍କ ବିଜୟ ସୁନିଶ୍ଚିତ କରିବାକୁ ଶ୍ରୀ ସାମନ୍ତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସମସ୍ତ ପଞ୍ଚାୟତରେ ଗାଁକୁ ଗାଁ ବୁଲି ଘରକୁ ଘର ଯାଇ ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା କିପରି ପରିବର୍ତ୍ତନ ଆଣିଛି, ସେ ସମ୍ପର୍କରେ ଲୋକଙ୍କୁ ବୁଝାଇବାକୁ ସେ ପରାମର୍ଶ ଦେଇଥିଲେ । ଶ୍ରୀ ସାମନ୍ତଙ୍କ ପ୍ରଚ୍ଚାର ସମୟରେ କର୍ମୀମାନଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଥିଲା । ଏହି କର୍ମୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡା ବିଧାୟକ ଚ୍କ୍ରମଣି କହଁର, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣ ମୋହନ ପାଣିଗ୍ରାହୀ, ବ୍ଲକ୍ ସଭାପତି ବାସୁଦେବ ପଣ୍ଡା ଓ ଜିଲ୍ଲା ମହିଳା ସଭାନେତ୍ରୀ ପୁନମ କହଁର, ବାଲିଗୁଡା ବିଜେଡି ବ୍ଲକ୍ ସଭାପତି ଟୁନା ଦାସଙ୍କ ସମେତ ବିଜେଡିର ବହୁ ଛାମୁଆ ନେତା ଯୋଗ ଦେଇଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡା ବ୍ଲକ୍ ପରମପଙ୍ଗା ଗ୍ରାମ ପଞ୍ଚାୟତ ଓ କେ ନୂଆଗାଁ ବ୍ଲକ୍ ବନ୍ଦଗୁଡା ଗ୍ରାମ ପଞ୍ଚାୟତ ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ନିର୍ବାଚ୍ନ ପ୍ରଚ୍ଚାର ଓ ପରିଚ୍ଚାଳନା ନେଇ ଛାମୁଆ କର୍ମୀ ଓ ନେତାଙ୍କ ସହ ଆଲୋଚ୍ନା କରିଥିଲେ । ଏହା ସହ ସେମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ ।

## ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତାରେ ପରିଣତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କଂଟାମାଳିଆ ଠାରେ ଥାନୁଆଳ-ମୁରାରୀପୁର ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି । ରାସ୍ତା ମଝିରେ ପ୍ରାୟ ଶତାଧିକ ଖାଲ ଖମା ସୃଷ୍ଟି ହୋଇଛି। ଏପରିକି ମଝିରେ ମଝିରେ ୨ଫୁଟ ଲେଖାଏଁ ଗାଡ ହୋଇଛି। ଏହି ରାସ୍ତା ଦେଇ ପ୍ରତ୍ୟେହ ଶହ ଶହ ସଂଖ୍ୟକ କଳାପଥର ବୋଝେଇ ଗାଡି ଯାଉଥିବା ଯୋଗୁ ପିଚୁ ଦବି ଯାଇ ଖାଲ ଖମା ସୃଷ୍ଟି ହୋଇଛି। ରାମକୋ ସିମେଂଟ କାରଖାନାକୁ ଯିବା ପାଇଁ ଏହା ଅନ୍ୟତମ ରାସ୍ତା। ରାସ୍ତା ମରାମତି ସଂପର୍କରେ ଏ ଅଂଚଳର ଗ୍ରାମବାସୀମାନେ ବହୁବାର ବିବାଗୀୟ ଅଧିକାରୀ ଓ ତଥା ସ୍ଥାନୀୟ ପ୍ରମୁଖ ରାଜଣେତିକ ବ୍ୟକ୍ତିଙ୍କୁ ଜଣାଇଥିଲେ ମଧ୍ୟ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ୧୬ନଂ ରାଜପଥର ସିନେମାହଲ ନିକଟରୁ ହାଇଲେବଲ କେନାଲକୁ ଭୋଇ ସାହି ଠାରେ ସଂଯୋଗ କରୁଥିବା ରାସ୍ତା ଦୀର୍ଘଦିନ ଧରି ଭଙ୍ଗାରୁଜା ଅବସ୍ଥାରେ ପଡି ରହିଛି। ଏହି ରାସ୍ତା ଉପରେ ନିକଟସ୍ଥ ପାଂଚଟି ଗ୍ରାମର ଜନସାଧାରଣ ଯାତାୟତ ଉପରେ ନିର୍ଭର କରିଥାନ୍ତି। ସେହିପରି ଶଙ୍ଖାରିଡିହ ଠାରୁ ନହାଇଲେବଲ କେନାଲ ବନ୍ଧ ଭାୟା ବ୍ରାହ୍ମଣଦା ରାସ୍ତା ଅବସ୍ଥା ଆଜକୁ ୫ବର୍ଷ ଧରି ଶୋଚନୀୟ ହୋଇ ପଡି ରହିଛି। ରାସ୍ତା ମଝିରେ ୧ଫୁଟରୁ ୨ଫୁଟ ଯାଏ ଗାଡ ରହିଛି। ରାମକୋ କାରଖାନକୁ ଯିବା ପାଇଁ ଏହା ପ୍ରମୁଖ ରାସ୍ତା ହୋଇଥିବାରୁ ଏହି ରାସ୍ତା ଦେଇ ମଧ୍ୟ ଭାରିଯାନ ଚଳାଚଳ କରୁଛି। ବର୍ଷା ସମୟରେ ରାସ୍ତା ଗୁଡିକରେ ଖାଲ ସୃଷ୍ଟି ହୋଇ ଦୁର୍ଘଟଣା ମାନ ଘଟୁଛି। ଏଣୁ ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ଦାବି ହେଉଛି।


ADMISSION OPEN

MAHARISHI PUBLIC SCHOOL

STD-I TO V

25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY







FIND THE DIFFERENCE

- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

MAHARISHI PLAY SCHOOL

PLAYGROUP (2+), NURSERY (3+), LKG, UKG, STD I TO V

N-4/F-24, IRC VILLAGE, NAYAPALLI, BHUBANESWAR - 751015

PH : (0674) 2558884 2550786, 9348320060

E-mail : maharishipublic13@gmail.com, Website : www.maharishipublicschool.com



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray